### ବୁଢ଼ାବଳଙ୍ଗରୁ ଯୁବତୀଙ୍କ ମୃତଦେହ ଜବତ

ବାଲେଶ୍ୱର,(ବାଞ୍ଛାନିଧି ଦେ)- ବାଲେଶ୍ୱର ସଦର ଥାନା ପରିକ୍ଷୀ ଫାଣ୍ଡି ଅନ୍ତର୍ଗତ ପାଖରାବାଡ଼ ନିକଟ ବୁଢ଼ାବଳଙ୍ଗ ନଦୀରୁ ପୋଲିସ ଗୁରୁବାର ଜଣେ ଯୁବତୀଙ୍କ ମୃତଦେହ ଜବତ କରିଛି। ଯୁବତୀଙ୍କ ପରିଚୟ ଜଣାପଡ଼ି ନାହିଁ। ତାଙ୍କର ବୟସ ୨୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା (ନଂ.୬୫।୨୪) ରୁଜୁ କରି ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ଯୁବତୀ ଜଣକ ଜିନସ୍ ପ୍ୟାଣ୍ଟ ଓ ବ୍ୟାନିୟନ୍ ପିନ୍ଧିଥିବା ଦେଖିବାକୁ ମିଳିଛି।

## ସଂକ୍ଷେପରେ

### ଧାନକଟା ମେଶିନ ଜାଳିଦେଲେ ଦୁର୍ବୃତ୍ତ

ସୋର,୧୨।୧୨(ଜନ୍ମେଜୟ ମିଶ୍ର): ସୋର ଥାନା ମୁଳିଶିଂ ପଞ୍ଚାୟତ ଶ୍ରୀରାମପୁର ଗ୍ରାମରେ ବିଲରେ ଥିବା ଏକ ଧାନକଟା ମେଶିନକୁ ଦୁର୍ବୃତ୍ତମାନେ ନିଆଁ ଲଗାଇ ପୋଡ଼ି ଦେଇଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ ମୁଳିଶିଂ ଗ୍ରାମର ସୁଜାତା ମହାଳିକଙ୍କ ଧାନ କଟା ମେଶିନ ବୁଧବାର ରାତିରେ ବିଲରେ ଧାନ କାଟି ସାରିବା ପରେ ଚାଳକ ବିଲରେ ରଖି ଘରକୁ ପଳାଇ ଯାଇଥିଲେ। ଗୁରବାର ସକାଳେ ସେହି ଗ୍ରାମର କେତେକ ଚାଷୀ ଉକ୍ତ ମେଶିନଟି ଜଳୁଥିବା ଦେଖି ସୁଜାତାଙ୍କ ସ୍ୱାମୀ ଜିତେନ୍ଦ୍ରଙ୍କୁ ଫୋନରେ ଜଣାଇଥିଲେ। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏନେଇ ଜିତେନ୍ଦ୍ର ଗୁରବାର ସନ୍ଧ୍ୟାରେ ସୋର ଥାନାରେ ଅଭିଯୋଗ କରିଛନ୍ତି।

### କଳାକାର ନବକିଶୋର ନାଥଙ୍କ ପରଲୋକ

ସିମୁଳିଆ,୧୨।୧୨(ସନ୍ତୋଷ ନାୟକ)- ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ପାହିତୋରଣା ପଞ୍ଚାୟତ ଅଧୀନ କୁଆଗଡ଼ିଆ ଗ୍ରାମର ବିଶିଷ୍ଟ କଳାକାର,



ନାଟ୍ୟକାର, ଗୀତିକାର, ନାଟ୍ୟ ନିର୍ଦ୍ଦେଶକ ତଥା ସାହିତ୍ୟିକ ନବକିଶୋର ନାଥ(୯୨)ଙ୍କ ବୁଧବାର ରାତିରେ ପରଲୋକ ଘଟିଛି। ଗୁରୁବାର ସକାଳେ ଶୁଭେଚ୍ଛୁ ଓ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କ ଶେଷ ଦର୍ଶନ କରିବା ପରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଶେଷ ଜୀବନ ପର୍ଯ୍ୟନ୍ତ ସେ ପିଲାମାନଙ୍କୁ ଗୀତ ଓ ହାରମୋନିୟମ ଶିକ୍ଷା ଦେବା ସହିତ ଖାଉଟି ସଚେତନତା ପାଇଁ ସିମୁଳିଆରେ କାର୍ଯ୍ୟ କରୁଥିବା ସମ୍ବିଧାନ ଯଜ୍ଞ କମିଟି ସହିତ ଜଡିତ ହୋଇ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପୁଅ ଶମ୍ଭୁନାଥ, ରମାକାନ୍ତ, ଝିଅ ସବିତା, ମୀନତିଙ୍କ ସମେତ ଜ୍ୱାଇଁ ବୈକୁଣ୍ଠ ଓ ମୀରେଶ ପ୍ରମୁଖ ଉପସ୍ଥିତ ଥିଲେ।

## ବାଲେଶ୍ୱର

# ନୀଳମଣି ମହାବିଦ୍ୟାଳୟର ବିକାଶ ପାଇଁ ଅନୁଦାନ ଦାବି

### ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କୁ ଭେଟିଲେ ବିଧାୟକ ମାନସ ଦତ୍ତ

ବାଲେଶ୍ୱର,୧୨।୧୨(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ନୀଳମଣି ମହାବିଦ୍ୟାଳୟ ଗ୍ରାମାଞ୍ଚଳର ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷା ନିମିତ୍ତ ଏକ ପୁରାତନ ଶିକ୍ଷାନୁଷ୍ଠାନ। ମାତ୍ର ଆବଶ୍ୟକୀୟ ଭିତ୍ତିଭୂମୀ ଅଭାବ ଯୋଗୁ ମହାବିଦ୍ୟାଳୟରେ ଶିକ୍ଷାଦାନ ନେଇ ସମ୍ପ୍ରତି ବିଭିନ୍ନ ସମସ୍ୟା ଉପୁଜୁଛି। ନୀଳମଣି ମହାବିଦ୍ୟାଳୟର ଭିତ୍ତିଭୂମୀର ବିକାଶ ପାଇଁ ଆର୍ଥିକ ଅନୁଦାନ ପ୍ରଦାନ ନିମନ୍ତେ ସଦର ବିଧାୟକ ମାନସ କୁମାର



ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ବିଧାୟକ।

ଦତ୍ତ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଉତ୍କୃଷ୍ଟ ଶିକ୍ଷାଦାନ ନେଇ ମହାବିଦ୍ୟାଳୟର ପ୍ରସିଦ୍ଧି ଥିବା ବେଳେ ଗ୍ରାମାଞ୍ଚଳର ବହୁ ଦୂର ଦୂରାନ୍ତରୁ ଛାତ୍ରୀଛାତ୍ର ଏଠାରେ ଶିକ୍ଷା ଗ୍ରହଣ କରନ୍ତି। ଗୁଣାତ୍ମକ ଶିକ୍ଷାଦାନ ପାଇଁ ଏକ ବହୁମୁଖୀ ଗୃହ, ଛାତ୍ରୀମାନଙ୍କ ପାଇଁ କମନ ରୁମ୍, ଛାତ୍ରମାନଙ୍କ ପାଇଁ ଛାତ୍ରାବାସ ପ୍ରଭୃତିର ଆବଶ୍ୟକତା ରହିଛି। ଏଥିସହିତ ମହାବିଦ୍ୟାଳୟ ପାଇଁ ଏକ ଖେଳ ପଡ଼ିଆର ଆବଶ୍ୟକତା ଥିବା ବେଳେ ଏହାକୁ ଅଗ୍ରାଧିକାର ଭାବେ ପୂରଣ ପାଇଁ ସେ ଦାବି କରିଛନ୍ତି। ଏକ ଉତ୍ତମ ଶୈକ୍ଷିକ ପରିବେଶ ସୃଷ୍ଟି ପାଇଁ ମହାବିଦ୍ୟାଳୟରେ ଆବଶ୍ୟକୀୟ ଭିତ୍ତିଭୂମୀ ବିକାଶରେ ଶିକ୍ଷାବିଭାଗର ଅନୁଦାନ ପ୍ରଦାନ ନିମନ୍ତେ ବିଧାୟକ ଦତ୍ତ ନିବେଦନ କରିଛନ୍ତି।

# ୧୫ରୁ ମାଖନପୁର ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ




ଖବରଦାତା ସମ୍ମିଳନୀରେ ଉପସ୍ଥିତ ସୁବର୍ଣ୍ଣ ଜୟନ୍ତୀ କମିଟିର କର୍ମକର୍ତ୍ତା।

ଖଇରା,୧୨।୧୨(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମାଖନପୁର ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଆସନ୍ତା ୧୫ ଓ ୧୬ ତାରଖ ୨ଦିନ ଧରି ଅନୁଷ୍ଠିତ ହେବ। ଏଥିରେ ବହୁ ନେତା, ମନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ରକ୍ତଦାନ ଶିବିର ସାଙ୍ଗକୁ ପୁରାତନ ଛାତ୍ରମାନଙ୍କର ବନ୍ଧୁମିଳନ, ପୁରାତନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା, ସ୍ମରଣିକା ଉନ୍ମୋଚନର କାର୍ଯ୍ୟକ୍ରମ ରହିଛି। ଓଡିଶା ସଂସ୍କୃତି ବିଭାଗ ତରଫରୁ ବିଭିନ୍ନ ଗ୍ରୁପ ସାଙ୍ଗକୁ ଓଡ଼ିଶାର ପ୍ରସିଦ୍ଧ କଣ୍ଠଶିଳ୍ପୀ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଜୟନ୍ତୀ କମିଟି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। କମିଟିର ସଭାପତି ଡ. ବିଦ୍ୟାଧର ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ଏହି ଖବରଦାତା ସମ୍ମିଳନୀରେ ପ୍ରଥମ ବର୍ଷର ଛାତ୍ର ଧୀରେନ୍ଦ୍ର କୁମାର ଦାସ, ଅଜୟ କୁମାର ଦାସ, ପ୍ରଧାନଶିକ୍ଷକ ମନୋରଞ୍ଜନ ବେହେରା, କମିଟି ସମ୍ପାଦକ ରତ୍ନାକର ଦାସ, କୋଷାଧକ୍ଷ କାହ୍ନୁ ଚରଣ ଦାସ, ଜଗବନ୍ଧୁ ନାୟକ, ଶ୍ରୀକାନ୍ତ ମିଶ୍ର, ଅର୍ଜୁନ ଚରଣ ସାହୁ, ଆନନ୍ଦ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ମାନବାଧିକାର ଦିବସ




ମାନବାଧିକାର ଦିବସରେ ମଞ୍ଚାସୀନ ଅତିଥି ଓ ଛାତ୍ରୀଛାତ୍ର।

ବାଲେଶ୍ୱର,୧୨।୧୨(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗ ଦ୍ୱାରା ମାନବାଧିକାର ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ଜଣେ ବ୍ୟକ୍ତିର ଆଚାର, ବିଚାର ଓ ବ୍ୟବହାର ମଧ ଅନ୍ୟ ଜଣେ ବ୍ୟକ୍ତିର ମାନବାଧିକାରକୁ କ୍ଷୁର୍ଣ୍ଣ କରିଥାଏ। ଏଣୁ ବ୍ୟକ୍ତିଗତ ଜୀବନରେ ମାନବାଧିକାରର ଉଲଂଘନ ନ ହେବା ନିମନ୍ତେ ସମସ୍ତେ ଚେଷ୍ଟିତ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନର ପ୍ରାକ୍ତନ ପ୍ରାଧ୍ୟାପକ ପ୍ରଫେସର ସୂର୍ଯ୍ୟନାରାୟଣ ମିଶ୍ର ଯୋଗଦେଇ ମାନବ ଅଧିକାରର ଉଦ୍ଦେଶ୍ୟ ଓ ସାମାଜିକ ନ୍ୟାୟ ଉପରେ ଗୁରୁତ୍ୱାରୋପ କରି ପ୍ରତିଟି ବିଶ୍ୱବିଦ୍ୟାଳୟରେ ମାନବ ଅଧିକାର ସମ୍ପର୍କିତ ପାଠ୍ୟକ୍ରମ ଖୋଲାଯିବା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ବକ୍ତା ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ଡ. ଅଶୋକ କୁମାର ପଣ୍ଡା ଆଭାସୀ ମାଧ୍ୟମରେ ଯୋଗଦେଇ ବିଭିନ୍ନ ମୌଳିକ ଅଧିକାର, ଧାରା ଏବଂ ନ୍ୟାୟିକ ବ୍ୟବସ୍ଥାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳ ସଚିବ ଡ. ମଧୁସୂଦନ ମିଶ୍ର, ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ଭାସ୍କର ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କ ସାମ୍ବିଧାନିକ ଅଧିକାରର ବିଭିନ୍ନ ସୋପାନ ବିଷୟରେ ଆଲୋଚନା କରିଥିଲେ। ସମାଜ ବିଜ୍ଞାନ ବିଭାଗର ମୁଖ୍ୟ ଡ. ପବିତ୍ର ମୋହନ ନାୟକ ଅତିଥି ପରିଚୟ ପ୍ରଦାନ ଓ କାର୍ଯ୍ୟକ୍ରମ ସଂଯୋଜିକା ଡ. ରାଜଶ୍ରୀ ଦତ୍ତ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସହକାରୀ ଅଧାପିକା ସ୍ମୃତିସିକ୍ତା ଥାପା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଡ. ଚନ୍ଦନ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

### ରାଜ୍ୟସ୍ତରୀୟ ଆଲୋଚନାଚକ୍ର

ସୋର,୧୨।୧୨(ଜନ୍ମେଜୟ ମିଶ୍ର)

ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଜୈବସମ୍ପଦ ସମ୍ବନ୍ଧୀୟ ଏକ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଗଜେନ୍ଦ୍ର କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. କୁଞ୍ଜ ବିହାରୀ ଶତପଥୀ ଓ ମୁଖ୍ୟବକ୍ତାଭାବେ ବରିଷ୍ଠ ବୈଜ୍ଞାନିକ ଡ.ନବୀନ କୁମାର ଧଳ ଯୋଗଦେଇଥିଲେ।

ଉଦ୍ଭିଦ ବିଜ୍ଞାନର ମୁଖ୍ୟ ଡ. ଭୁବନ ମୋହନ ପଢିଆରୀ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଡ. ଅଖତାରୀ ଖାତୁନ୍, ଡ. ରଞ୍ଜିତାଲା ମହାପାତ୍ର, ଡ. ସିଦ୍ଧାର୍ଥ ପତି, ଡ.ବିଭୂତି ଭୂଷଣ ଚମ୍ପତି ଏବଂ ଡ.କୌଶିକ ମଲିକ ପ୍ରମୁଖ ଯୋଗଦେଇ ସେମାନଙ୍କର ଗବେଷଣା ଲବ୍ଧ ଫଳାଫଳକୁ ବିଦ୍ୟାର୍ଥୀମାନଙ୍କ ଗହଣରେ ଆଲୋଚନା କରିଥିଲେ। ଆଲୋଚ୍ୟ ବିଷୟବସ୍ତୁ ଥିଲା 'ଧାରଣୀୟ ବିକାଶ ନିମନ୍ତେ ଜୈବସମ୍ପଦ'। ଏହା ଉପସ୍ଥିତ ବିଦ୍ୟାର୍ଥୀ, ଅଧାପିକା ଅଧାପକ ଏବଂ ଅନ୍ୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉଚ୍ଚ ପ୍ରସଂଶିତ ହୋଇଥିଲା। ଉଦ୍ଭିଦ ବିଜ୍ଞାନ ବିଭାଗର ବିଜ୍ଞାନଗାର ପ୍ରଦର୍ଶକ ଅରବିନ୍ଦ ମହାପାତ୍ର, ଶେଖ ଅମିରୁଲ୍ଲା, ଅଧାପିକା ମଧୁସ୍ମିତା ପାଣିଗ୍ରାହୀ, ଅଧାପିକା ନିବେଦିତା ନାୟକ ସହଯୋଗ କରିଥିଲେ।

# ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ ଥାନାରେ ଏତଲା

### ରୋଷେୟାଙ୍କୁ ନିର୍ଯାତନା ଅଭିଯୋଗ

ନୀଳଗିରି,୧୨।୧୨(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ବଣଭୂଇଁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ ଉକ୍ତ ବିଦ୍ୟାଳୟରେ କାର୍ଯ୍ୟରତ ଜଣେ ରୋଷେୟା ମାନସିକ ନିର୍ଯାତନା ଓ ଜାତିଆଣ ଆକ୍ଷେପ ନେଇ ଥାନାରେ ଏତଲା ଦେଇଛନ୍ତି। ନୀଳଗିରି ପୋଲିସ ବିଦ୍ୟାଳୟକୁ ଯାଇ ତଦନ୍ତ ଜାରି ରଖିବା ସହ ରୋଷେୟାଙ୍କୁ ଉଦ୍ଧାର କରି ତାଙ୍କ ସ୍ୱାମୀଙ୍କୁ ହସ୍ତାନ୍ତର କରିଛି। ସୂଚନା ଅନୁଯାୟୀ, ବଣଭୂଇଁ ସରକାରୀ ଉଚ୍ଚ ବିଦ୍ୟାଳୟର ରୋଷେୟା ଭାବେ ପ୍ରମିଳା ଦେହୁରୀ କାର୍ଯ୍ୟକରି ଆସୁଛନ୍ତି। ମାତ୍ର ପ୍ରଧାନ ଶିକ୍ଷୟିତ୍ରୀ ଇତିଶ୍ରୀ ରାଉତ ତାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ମାନସିକ ନିର୍ଯାତନା ଦେବା ସହ ଜାତିଆଣ ଆକ୍ଷେପ କରି ଆସୁଥିବା ଅଭିଯୋଗରେ ଦର୍ଶାଯାଇଛି। ଏନେଇ ପ୍ରମିଳା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୈଳେନ୍ଦ୍ର ଶତପଥୀଙ୍କୁ ଜଣାଇଲା ପରେ ବି କିଛି ଫରକ ପଡ଼ି ନ ଥିଲା। ଶେଷରେ ନ୍ୟାୟ ପାଇଁ ପ୍ରମିଳା ତାଙ୍କ ସ୍ୱାମୀଙ୍କ ହାତରେ ଥାନାକୁ ଏତଲା ପଠାଇଛନ୍ତି। ଦେହ ଖରାପ ଥିବା ସତ୍ତ୍ୱେ ପ୍ରଧାନ ଶିକ୍ଷୟିତ୍ରୀ ତାଙ୍କୁ ଛୁଟି ଦେଉ ନ ଥିବା ପ୍ରମିଳା ଅଭିଯୋଗ କରିଛନ୍ତି।

## ମୟୂରଭଞ୍ଜ

### ଧାନ ଅମଳ ମେଶିନରେ କଟିଗଲା ହାତ

ଠାକୁରମୁଣ୍ଡା, ୧୨।୧୨
(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଅଧୀନ କେଶଡିହା ପଞ୍ଚାୟତ ଖେଡ଼ିଆପୋଷି ଗ୍ରାମରେ ଗୁରୁବାର ଧାନ ଅମଳ ମେଶିନରେ ପ୍ରାଣକାନ୍ତ ଦାସ ନାମକ ବ୍ୟକ୍ତିଙ୍କ ହାତ କଟିଯାଇଛି। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ପ୍ରାଣକାନ୍ତ ତାଙ୍କ ଘର ନିକଟକୁ ମେଶିନ ଆଣି ନିଜେ ଧାନ ଅମଳ କରୁଥିଲେ। ଅପରାହ୍ନ ପ୍ରାୟ ୩ଟା ବେଳେ ସେ ମେଶିନରେ ଧାନବିଡ଼ା ଭର୍ତ୍ତି କରୁଥିବା ବେଳେ ଅସାବଧାନତା ବଶତଃ ତାଙ୍କ ବାମହାତ ମେଶିନରେ ପଶିଯାଇଥିଲା। ଫଳରେ କହୁଣୀ ନିକଟରୁ ହାତ କଟିଯାଇ ମେଶିନ ଭିତରେ ରହିଯାଇଥିଲା।

# ଟ୍ରାକ୍ଟରକୁ ଧକ୍କାଦେଇ ଟ୍ରକ୍ ଜଳିଗଲା

### ୧ ମୃତ, ୩ ଗୁରୁତର

ବିଶୋଇ/ ରାୟରଙ୍ଗପୁର,୧୨।୧୨
(ଅମିତ ଦାସ/ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ ୪୯ନଂ. ଜାତୀୟ ରାଜପଥର କୁରୁକୁଟିଆ ଛକ ନିକଟରେ ବୁଧବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଏକ ଟ୍ରାକ୍ଟରକୁ ପିଆଜ ବୋଝେଇ ଟ୍ରକ୍ ଧକ୍କାଦେଇ ଜଳିଯାଇଛି। ଦୁର୍ଘଟଣାରେ ଟ୍ରାକ୍ଟରରେ ବସିଥିବା ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ବିଶୋଇ ଥାନା ନୂଆଗାଁ ଗ୍ରାମର ପପୁ ମହାନ୍ତ(୧୮)। ଗୁରୁତରମାନେ ହେଲେ ସେହି ଗାଁର ଶମ୍ଭୁ ମହାନ୍ତ(୨୭), ନିର୍ମଳ ବାନରା(୧୮) ଓ ଟିକେନ ନାଏକ(୧୮)।



ବିଶୋଇ ପୋଲିସ ଏକ ମାମଲା(ନଂ. ୨୨୦/୨୪) ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ରାତି ପ୍ରାୟ ୯ଟା ସମୟରେ ଏକ ଟ୍ରାକ୍ଟର (ଓଡି ୧୧ ଡବ୍ଲୁ ୭୭୮୧) କୁରୁକୁଟିଆ ଗ୍ରାମରୁ ଧାନ ଅନ୍‌ଲୋଡ୍‌କରି ନୂଆଗାଁକୁ ଫେରୁଥିଲା। ଏହି ସମୟରେ ଯଶୀପୁର ପଟୁ ଆସୁଥିବା ପିଆଜ ଓ କେମିକାଲ ବୋଝେଇ ଟ୍ରକ୍ (ଡବ୍ଲୁବି ୨୨ଇ ୩୯୮୭) ନୂଆଗାଁ ଓ କୁରୁକୁଟିଆ ଛକ ମଧ୍ୟବର୍ତ୍ତୀ ସ୍ଥାନରେ ଟ୍ରାକ୍ଟର ପଛରେ ଧକ୍କାଦେଇଥିଲା। ଫଳରେ ଟ୍ରକ୍‌ଟି ଡିଭାଇଡରରେ ପିଟିହୋଇ ଓଲଟିପଡ଼ିଥିଲା। ଟ୍ରକ୍‌ର ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଟ୍ରାକ୍ଟରରେ ଥିବା ଡ୍ରାଇଭର ରକ୍ଷା ପାଇଯାଇଥିବା ବେଳେ ଶ୍ରମିକ ଶମ୍ଭୁ, ଟିକେନ ଓ ନିର୍ମଳ ଆହତ ହୋଇଥିଲେ। ପପୁଙ୍କ ମୁଣ୍ଡ ଓ ଛାତିରେ ଗଭୀର ଆଘାତ ଲାଗିଥିଲା। ଟ୍ରକ୍‌ରେ ପିଆଜ ସହିତ କେମିକାଲ ପାଉଡର ଥିବାରୁ ଦୁର୍ଘଟଣା ପରେ ନିଆଁ ଲାଗିଯାଇଥିଲା। ଟ୍ରାକ୍ଟରର ମାଲିକ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ସମୟରେ ଟ୍ରକ୍‌ର ନିଆଁ ଝାସରେ ଟ୍ରାକ୍ଟର ମାଲିକଙ୍କ ବାଇକ୍(ଓଡି ୧୧ଡି ୫୨୬୦) ଜଳିଯାଇଥିଲା। ମଣଦା ଫାଣ୍ଡି ଅଧିକାରୀ ଏଏସ୍‌ଆଇ ଶରତ କୁମାର ଧଳ ଟିମ୍ ସହିତ ପହଞ୍ଚି ସମସ୍ତଙ୍କୁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ପପୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଅନ୍ୟ ୩ ଜଣ ଚିକିତ୍ସିତ ହେଉଛନ୍ତି। ବିଶୋଇ ଓ ଯଶୀପୁର ଅଗ୍ନିଶମ ବିଭାଗର ମିଳିତ ପ୍ରୟାସରେ ନିଆଁକୁ ଆୟତ୍ତ କରାଯାଇଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତକ ଦିନ ମଜୁରିଆ ହୋଇଥିବାରୁ ତାଙ୍କ ପରିବାର ଲୋକଙ୍କୁ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଜନ୍ମଦିନରେ ପିଲାଙ୍କୁ ବାଇକ୍‌ରେ ବୁଲାଉଥିଲେ

ବୈଶିଙ୍ଗା,୧୨।୧୨(ରତନ ଦାଶ)

- ୪ ପିଲାଙ୍କୁ ଅପହରଣ ଘଟଣାର ଭିନ୍ନମୋଡ଼
- ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ତିଳଦା ଗ୍ରାମରେ ବୁଧବାର ୪ ପିଲାଙ୍କୁ ଅପହରଣ ସନ୍ଦେହକରି ଜଣେ ଯୁବକଙ୍କୁ ଗ୍ରାମର କେତେଜଣ ଯୁବକ ନିସ୍ତୁକ ମାଡ଼ ମାରିଥିଲେ। ମାତ୍ର ଉକ୍ତ ଘଟଣା ଭିନ୍ନମୋଡ଼ ନେଇଛି। ଯୁବକ ନିଜ ଜନ୍ମଦିନ ଥିବାରୁ ପିଲାଙ୍କୁ ଚକୋଲେଟ୍ ଦେଇ ବାଇକ୍‌ରେ ବୁଲାଉଥିଲେ। ଭୁଲ୍ ବୁଝାମଣାରୁ ଆକ୍ରମଣ କରାଯାଇଥିବା ପୋଲିସ ସୂଚନା ଦେଇଛି।

ସୂଚନା ମୁତାବକ, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଚାଲିଥିବା ଗ୍ରାମ ରାସ୍ତା କାମରେ ନିୟୋଜିତ ଦଲକି ଗ୍ରାମର ଉପେନ୍ଦ୍ର ପାତ୍ର ନିଜର ଜନ୍ମଦିନରେ ଅଙ୍ଗନୱାଡିରୁ ଛୁଟି ହୋଇ ଫେରୁଥିବା ପିଲାଙ୍କୁ ଚକୋଲେଟ୍ ବାଣ୍ଟି ଖୁସି ମନାଇଥିଲେ। ତେବେ ପିଲାମାନେ ତାଙ୍କୁ ବାଇକ୍‌ରେ ବସାଇ ବୁଲାଇବାକୁ ଜିଦ୍ କରିଥିଲେ। ସେ ପିଲାଙ୍କ କଥାରେ ରାଜିହୋଇ ୩ ଝିଅ ଓ ଜଣେ ପୁଅ ପିଲାଙ୍କୁ ବସାଇ ବୁଲାଇବାକୁ ନେଉଥିଲେ। ଏହି ସମୟରେ ଗ୍ରାମ କେତେଜଣ ଯୁବକ ତାଙ୍କୁ ପିଲାଙ୍କୁ ଅପହରଣକରି ନେଇଥିବା ଅଭିଯୋଗକରି ନିସ୍ତୁକ ମାଡ଼ ମାରିଥିଲେ। ଲୋକଙ୍କ ମାଡ଼ରେ ଉପେନ୍ଦ୍ରଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା। ତାଙ୍କୁ ପ୍ରଥମେ ବୈଶିଙ୍ଗା ଓ ପରେ ବାରିପଦା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆକ୍ରମଣକାରୀଙ୍କ ଉପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ ସେ କରିଛନ୍ତି। ଥାନା ଅଧିକାରୀ ତପନ କୁମାର ପ୍ରଧାନ କହିଛନ୍ତି, ଭୁଲ୍ ବୁଝାମଣାରୁ ମାଡ଼ ମରାଯାଇଛି। ଏ ନେଇ କୌଣସି ଲିଖିତ ଅଭିଯୋଗ ହୋଇନାହିଁ।

# ରୋକାଯିବ ବେଆଇନ ଲଘୁ ଖଣିଜ ଉତ୍ତୋଳନ, ପରିବହନ

### ଯାନ, ଯନ୍ତ୍ରପାତି ଉପରେ କଡ଼ା ଜରିମାନା

ବାରିପଦା,୧୨।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଜ୍ୟରେ ବେଆଇନ ଲଘୁ ଖଣିଜ ଉତ୍ତୋଳନ ଓ ପରିବହନକୁ ନେଇ ଏନ୍‌ଜିଟି (ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ) ପକ୍ଷରୁ କଡ଼ାକଡ଼ି ନିର୍ଦ୍ଦେଶ ଦିଆଯାଇଛି। ଉତ୍ତୋଳନ ଏବଂ ପରିବହନ କରୁଥିବା ଯାନ, ଯନ୍ତ୍ରପାତି ଉପରେ ଦଣ୍ଡବିଧାନକୁ ନେଇ ଗେଜେଟ ନୋଟିଫିକେଶନ ପ୍ରକାଶ ପାଇଛି। ଷ୍ଟିଲ ଏବଂ ମାଇନ୍ସ ବିଭାଗ ଚିଠି ନଂ. ୨୭୫୦/୧୦ ଡିସେମ୍ବର ୨୦୨୪ ଅନୁଯାୟୀ ବେଆଇନ ଖଣିଜ ଉତ୍ତୋଳନ ଓ ପରିବହନକୁ ନେଇ ନିର୍ଦ୍ଦେଶକ, ମୁଦ୍ରଣ, ଷ୍ଟେସନେରୀ ଏବଂ ପ୍ରକାଶନ ଓଡ଼ିଶା କଟକ ଦ୍ୱାରା ପ୍ରକାଶିତ ଗେଜେଟ ନଂ. ୧୯୮୮ ତା ୨୫ ଅକ୍ଟୋବର ୨୪ ଅନୁଯାୟୀ ଏନ୍‌ଜିଟିର ଗାଇଡଲାଇନ ବଳରେ କଡ଼ା ପଦକ୍ଷେପ ନେବାକୁ ଚିଠିରେ ଉଲ୍ଲେଖ ରହିଛି। ବେଆଇନ ଲଘୁ ଖଣିଜ ପରିବହନ କରୁଥିବା ଯାନଗୁଡ଼ିକୁ ସର୍ବାଧିକ ଫାଇନ କାଟିବାକୁ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଏନ୍.ଏନ୍. ସିଂଦେଓ ଚିଠି ମାଧ୍ୟମରେ ରାଜ୍ୟର ସମସ୍ତ ଖଣି ସୁରକ୍ଷା ବିଭାଗର ଡେପୁଟୀ ଡାଇରେକ୍ଟର ଓ ଖଣି ଅଧିକାରୀଙ୍କୁ ଅବଗତ କରିଛନ୍ତି।

ଏନ୍‌ଜିଟି ଇଷ୍ଟର୍ନ ଜୋନ୍ କୋଲକାତା କୋର୍ଟରେ ଓ.ଏ. ନଂ. ୩୬୦ ଏବଂ ଓଏମ୍‌ଏମ୍‌ସି ନିୟମ ୨୦୧୬ର ନିୟମ ୫୧ରେ ଧାର୍ଯ୍ୟ ହୋଇଥିବା ବେଆଇନ ଖଣିଜ ପଦାର୍ଥ ଉତ୍ତୋଳନ ଓ ପରିବହନ କରୁଥିବା ଯାନ, ଯନ୍ତ୍ରପାତିଗୁଡ଼ିକ ଉପରେ ଜରିମାନା ଲାଗୁ କରାଯାଇଛି। ଖନନକାରୀ ଯନ୍ତ୍ରପାତିଟି ଶୋ'ରୁମ୍ ମୂଲ୍ୟର ଗାଡ଼ି କିମ୍ବା ଯନ୍ତ୍ରପାତିଟି ୨୫ଲକ୍ଷରୁ ଅଧିକ ଏବଂ ୫ବର୍ଷରୁ କମ୍ ପୁରୁଣା ହୋଇଥିଲେ ୪ଲକ୍ଷ ଟଙ୍କା ଜରିମାନା ଧାର୍ଯ୍ୟ ହୋଇଛି। ସେହିପରି ୨୫ ଲକ୍ଷ ଟଙ୍କାରୁ ଅଧିକ, ୫ ବର୍ଷରୁ ଅଧିକ ଓ ୧୦ ବର୍ଷରୁ କମ୍ ହୋଇଥିଲେ ୩ଲକ୍ଷ, ୨୫ଲକ୍ଷରୁ ଅଧିକ ଏବଂ ୧୦ବର୍ଷରୁ ଅଧିକ ହୋଇଥିଲେ ୨ଲକ୍ଷ, ୧୦ ଲକ୍ଷରୁ ୨୫ ଲକ୍ଷ ଟଙ୍କା ଏବଂ ୫ବର୍ଷରୁ କମ୍ ପୁରୁଣା ହୋଇଥିଲେ ୨ଲକ୍ଷ ୫୦ହଜାର, ୧୦ ଲକ୍ଷରୁ ୨୫ ଲକ୍ଷ ପର୍ଯ୍ୟନ୍ତ ଏବଂ ୫ ବର୍ଷରୁ ଅଧିକ, ୧୦ବର୍ଷରୁ କମ୍ ହୋଇଥିଲେ ୨ଲକ୍ଷ, ୧୦ ଲକ୍ଷରୁ ୨୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ, ୧୦ବର୍ଷରୁ ଅଧିକ ପୁରୁଣା ହୋଇଥିଲେ ୧ ଲକ୍ଷ, ୧୦ ଲକ୍ଷ ଟଙ୍କାରୁ କମ୍ ଓ ୫ବର୍ଷରୁ କମ୍ ହୋଇଥିଲେ ୨ଲକ୍ଷ, ୧୦ଲକ୍ଷ ଏବଂ ୫ବର୍ଷରୁ ଅଧିକ, ୧୦ବର୍ଷରୁ କମ୍ ହୋଇଥିଲେ ୭୫ ହଜାର, ୧୦ ଲକ୍ଷରୁ କମ୍ ଏବଂ ୧୦ବର୍ଷରୁ ଅଧିକ ହୋଇଥିଲେ ୫୦ହଜାର ଟଙ୍କା ଜରିମାନା ବ୍ୟବସ୍ଥା କରାଯାଇଛି।

ଜବତ ଖଣିଜ ପଦାର୍ଥଗୁଡ଼ିକ ଧାର୍ଯ୍ୟ ଅନୁଯାୟୀ ଦଣ୍ଡରାଶି ପ୍ରଦାନ ପରେ ଯାନଗୁଡ଼ିକ ମୁକ୍ତ କରାଯିବ। ଜବତ ଖଣିଜ ପଦାର୍ଥର ବାସ୍ତବ ମୂଲ୍ୟ ଓଏମ୍‌ଏମ୍‌ସି ନିୟମ ୨୦୧୬ର ନିୟମ ୫୪(୪) ଏବଂ ୫୮(୫) ଅନୁଯାୟୀ ବାଧ୍ୟତାମୂଳକ ହୋଇଛି। ପ୍ରକାଶିତ ଧାର୍ଯ୍ୟସୂଚୀ ଅନୁଯାୟୀ ଷ୍ଟାଣ୍ଡାର୍ଡ ଅପରେଟିଂ(ଏସ୍‌ଓଆର୍)ରେ ଧାର୍ଯ୍ୟ ସାମଗ୍ରୀର ମୌଳିକ ହାରକୁ ବିଚାରକୁ ନିଆଯିବ ବୋଲି ଉଲ୍ଲେଖ ରହିଛି। ସେହିପରି ବେଆଇନ ଖଣି ଖନନ ପାଇଁ ପରିବେଶ ଏବଂ ପରିବେଶ କ୍ଷତି ପହଞ୍ଚାଇଲେ କ୍ଷତିପୂରଣ ବାଧ୍ୟତାମୂଳକ ରଖାଯାଇଛି। ଫଳରେ ବେଆଇନ ଲଘୁ ଖଣିଜ ଉତ୍ତୋଳନ ଓ ପରିବହନ ରୋକାଯାଇ ପାରିବ।

ମୟୂରଭଞ୍ଜ ଜିଲାର ୨୬ଟି ତହସିଲ ଅଧୀନରେ ୨୦୩ଟି ସଇରାତ ରହିଛି। ସେଥିମଧ୍ୟରୁ ୭୭ଟି ବାଲି, ୮୬ଟି ପଥର ଓ ଗୋଟିଏ ମୋରମ ସଇରାତ ଖଣି ବିଭାଗ ଅଧୀନକୁ ଯାଇଛି। ୪୨ଟି ସଇରାତ ବିଭିନ୍ନ କାରଣ ଓ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ କୋର୍ଟରେ ମାମଲା ବିଚାରାଧୀନ ରହିଛି। ଏପରି ସ୍ଥଳେ ଜିଲାରେ ବେଆଇନ ଲଘୁ ଖଣିଜ ଉତ୍ତୋଳନ ଓ ପରିବହନକୁ ରୋକିବା ପାଇଁ ବିଭାଗୀୟ ଅଧିକାରୀମାନେ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହେଉଛି। ଦିନରାତି ଟ୍ରାକ୍ଟର ଓ ଟ୍ରକ୍ ଯୋଗେ ଚୋରା ଚାଲାଣ ହେଉଥିବା ବେଳେ ପୋଲିସ, ବନ ବିଭାଗ, ତହସିଲ, ଆଞ୍ଚଳିକ ପରିବହନ କିମ୍ବା ପରିବେଶ ଓ ଜଳବାୟୁ ନିୟନ୍ତ୍ରଣ ବିଭାଗ ହାତବାନ୍ଧି ବସିଛି। ଫଳରେ କୋଟି କୋଟି ଟଙ୍କାର ରାଜସ୍ୱ ତହବିଲକୁ ଯିବା ପରିବର୍ତ୍ତେ ଚୋରା ବ୍ୟବସାୟୀମାନେ ମାଲେମାଲେ ହେବାରେ ଲାଗିଛନ୍ତି।

# ଝାରସୁଗୁଡ଼ାକୁ ହରାଇ କେନ୍ଦୁଝର ସେମିରେ

### ରାଜ୍ୟସ୍ତରୀୟ ରତିକାନ୍ତ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

ଉଦଳା,୧୨।୧୨(ସନ୍ତୋଷ କୁମାର ବାଛିନୀ)



ଉଦଳା କ୍ରିକେଟ ଆସୋସିଏଶନ ପକ୍ଷରୁ ଚାଲିଥିବା ରାଜ୍ୟସ୍ତରୀୟ ରତିକାନ୍ତ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ରାଉଣ୍ଡର ପ୍ରଥମ ମ୍ୟାଚ୍‌ରେ ଗୁରୁବାର ଝାରସୁଗୁଡ଼ା ପ୍ରୋଗ୍ରେସିଭ ଏକାଦଶକୁ ହରାଇ କେନ୍ଦୁଝର ୟୁନିକ ଇଲେଭେନ ଏହି ପର୍ଯ୍ୟାୟରେ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଟସ୍ ଜିତି କେନ୍ଦୁଝର ଦଳ ବ୍ୟାଟିଂ କରି ୮ ଉଇକେଟ ହରାଇ ୨୨୦ ରନ୍ କରିଥିଲା। ଦଳ ପକ୍ଷରୁ ପ୍ରଶାନ୍ତ ସାହୁ ୫୮ ବଲ୍‌ରେ ୬୩ ରନ୍ ଓ ଶାନ୍ତନୁ ଦାସ ୪୭ ବଲ୍‌ରେ ୫୩ ରନ୍ କରିଥିଲେ। ଝାରସୁଗୁଡ଼ା ଦଳ ୨୯.୩ ଓଭରରେ ମାତ୍ର ୧୯୫ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଭୁପେଶ ବ୍ରହ୍ମଙ୍କର ୪୧ ବଲରେ ୪୯ ଓ କ୍ରୀଷ୍ଟା ପଲେଇ ୩୫ ବଲରେ ୩୫ ରନ୍ ସଂଗ୍ରହ କରିଥିଲେ। ୟୁନିକ ଇଲେଭେନ ପକ୍ଷରୁ ଶାନ୍ତନୁ ଦାସ ସର୍ବାଧିକ ୩ଟି ଉଇକେଟ ନେଇ ବିଜେତା ଖେଳାଳି ଭାବେ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ।

ଏହି ମ୍ୟାଚ୍‌କୁ ଓସିଏ ସ୍ୱୀକୃତିପ୍ରାପ୍ତ ଅମ୍ପାୟାର ଲଲାଟ କେଶରୀ ନନ୍ଦ ଓ ରଞ୍ଜନ ମହାନ୍ତି ପରିଚାଳନା କରିଥିଲେ। ଅଭିଷେକ ବେହେରା ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ସଞ୍ଜୟ ପରିଛା ସ୍କୋରର ଥିଲେ। ଟୁର୍ନାମେଣ୍ଟରେ ସଭାପତି ପ୍ରଦୀପ ପରିଡ଼ା, ସମ୍ପାଦକ ରାଜୀବ ଭୋଳ, କାଜଲ ବେହେରା, ଚନ୍ଦନ ଦୀକ୍ଷିତ, ଡିକେଏନ୍ସ ବେହେରା, ଅମିତ ବେହେରା, କରୁଣାକର ଦେହୁରୀ ପ୍ରମୁଖ ପରିଚାଳନା କରୁଛନ୍ତି। ଅମିୟ ବଳ, ସତ୍ୟ ପାଢ଼ୀ, ଅରୁଣ ବାରିକ, ପ୍ରଶାନ୍ତ ତ୍ରିପାଠୀ, ସୌଭାଗ୍ୟ ସାହୁ, ସୀମାନ୍ତ ତ୍ରିପାଠୀ, ସୁଜିତ ପୁଥାଳ, ହିମାଦ୍ରୀ ଶେଖର ପାଲ ପ୍ରମୁଖ ବରିଷ୍ଠ ଖେଳାଳି ସହଯୋଗ କରିଥିଲେ। ଶୁକ୍ରବାର ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ ଓ କଟକ ୟୁନିୟନ ସ୍ପୋର୍ଟିଂ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହେବ।

**ସଂକ୍ଷେପରେ**

## ପୋଖରୀରେ ବୁଡ଼ି ଶିଶୁ ମୃତ

ବାସୁଦେବପୁର,୧୨।୧୨ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ଅଧୀନ ଆନ୍ଦୋଳା ପଞ୍ଚାୟତର କାଶୀପୁର ଗ୍ରାମରେ ଗୁରୁବାର ପୋଖରୀରେ ପଡ଼ି ଜଣେ ୩ବର୍ଷର ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁ ହେଲେ ଗ୍ରାମର ଦାଶରଥି ପଲେଇଙ୍କ ପୁଅ ଶ୍ୟାମସୁନ୍ଦର। ସକାଳେ ସେ ଖେଳୁଥିବା ବେଳେ ଘର ନିକଟସ୍ଥ ଏକ ପୋଖରୀରେ ପଡ଼ି ଯାଇଥିଲେ। ବହୁ ଖୋଜାଖୋଜି ପରେ ପରିବାର ଲୋକେ ତାଙ୍କୁ ପୋଖରୀରୁ ଉଦ୍ଧାର କରି ବାସୁଦେବପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଭଦ୍ରକ ପ୍ରତି ଅବହେଳାକୁ ବିରୋଧ

### ବାଲେଶ୍ୱରକୁ ସ୍ଥାନାନ୍ତର ହେବ ଆର୍‌ଏମ୍‌ଏସ୍ କାର୍ଯ୍ୟାଳୟ

ଭଦ୍ରକ,୧୨।୧୨(ସନାତନ ରାଉତ)



ଆର୍‌ଏମ୍‌ଏସ୍ କାର୍ଯ୍ୟାଳୟ।

ଭଦ୍ରକ ଜିଲାବାସୀଙ୍କୁ ତ୍ୱରିତ ଡାକସେବା ଯୋଗାଇଦେବା ପାଇଁ ଚରମ୍ପା ରେଳ ଷ୍ଟେଶନଠାରେ ଡାକ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଡାକସେବା ରେଲୱେ ମେଲ୍ ସର୍ଭିସ୍(ଆର୍‌ଏମ୍‌ଏସ୍) କାର୍ଯ୍ୟାଳୟ ଅବସ୍ଥାପିତ ହୋଇଥିଲା। ଏହି କାର୍ଯ୍ୟାଳୟ ବାଲେଶ୍ୱରକୁ ସ୍ଥାନାନ୍ତର ହେବ। ଏହାକୁ ନେଇ ଜିଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଡାକ ବିଭାଗର ଏହି ଅବହେଳାକୁ ଜିଲାବାସୀ ବିରୋଧ କରିଛନ୍ତି।

ଦୀର୍ଘ ୪୫ବର୍ଷ ଧରି ଏହି କାର୍ଯ୍ୟାଳୟରେ ଭଦ୍ରକ ଜିଲା ମୁଖ୍ୟ ଡାକଘର ଓ ଜିଲାର ସମସ୍ତ ଉପ ଡାକଘର ଜରିଆରେ ପଠାଯାଉଥିବା ପାର୍ସଲ, ରେଜିଷ୍ଟ୍ରି ପୋଷ୍ଟ, ସ୍ପିଡ୍‌ପୋଷ୍ଟ ଓ ସାଧାରଣ ଚିଠି ସର୍ଟିଙ୍ଗ କରାଯାଉଥିଲା। ୨୦୧୮ ମସିହାରେ ପାର୍ସଲକୁ ଯାଜପୁର ଆର୍‌ଏମ୍‌ଏସ୍‌କୁ ଏବଂ ସ୍ପିଡପୋଷ୍ଟ ସର୍ଟିଙ୍ଗ କାମ ବାଲେଶ୍ୱର ଆର୍‌ଏମ୍‌ଏସ୍‌କୁ ସ୍ଥାନାନ୍ତର କରାଯାଇଥିଲା। ୨୦୧୮ ପରେ କେବଳ ରେଜିଷ୍ଟ୍ରି ଏବଂ ସାଧାରଣ ଚିଠିପତ୍ର ଭଦ୍ରକ ଆର୍‌ଏମ୍‌ଏସ୍‌କୁ କରାଯାଉଥିଲା। ୨୦୨୨ ଜୁନ୍‌ରେ ଡାକ ବିଭାଗ ପକ୍ଷରୁ ସ୍ପିଡ୍‌ପୋଷ୍ଟ ଏବଂ ରେଜିଷ୍ଟ୍ରି ପୋଷ୍ଟ ଗୋଟିଏ ଜାଗାରେ କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଫଳରେ ଭଦ୍ରକ ଆର୍‌ଏମ୍‌ଏସ୍ ବାଲେଶ୍ୱରକୁ ଉଠିଯିବ। କେବେ ସ୍ଥାନାନ୍ତର ହେବ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇ ନ ଥିଲେ ମଧ୍ୟ ଏହି ଚିଠି ପ୍ରକାଶ ପାଇବା ପରେ କାର୍ଯ୍ୟାଳୟକୁ ସ୍ଥାନାନ୍ତର ନ କରିବା ପାଇଁ ଜିଲାବାସୀଙ୍କ ପକ୍ଷରୁ ବିଭାଗୀୟ ମୁଖ୍ୟଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ୨ ବର୍ଷ ବିତି ଯାଇଥିଲେ ମଧ୍ୟ ଏହା ଉପରେ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଜଣାପଡ଼ିଛି। ଭଦ୍ରକ ଆର୍‌ଏମ୍‌ଏସ୍‌ରେ ରେଜିଷ୍ଟ୍ରି ଏବଂ ସାଧାରଣ ଚିଠିପତ୍ର ସର୍ଟିଙ୍ଗ୍ କରାଯାଉଥିବାରୁ ୨/୩ ଦିନ ମଧ୍ୟରେ ଜିଲାବାସୀଙ୍କୁ ଡାକସେବା ମିଳୁଥିଲା। ଏହି ସେବା ବାଲେଶ୍ୱରକୁ ସ୍ଥାନାନ୍ତର ହେଲେ ୫/୭ ଦିନ ଲାଗିବ ବୋଲି କହି ଜିଲାର ବୁଦ୍ଧିଜୀବୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। କୌଣସି ଯୁକ୍ତିଯୁକ୍ତ କାରଣ ନ ଥାଇ ଜିଲାବାସୀଙ୍କୁ ଏହି ଡାକସେବାରୁ ବଞ୍ଚିତ କରିବା ବିଭାଗର ପ୍ରତାରଣା ବୋଲି ଚର୍ଚ୍ଚା ହେଉଛି। ଜିଲାର ମୁଖ୍ୟ ଡାକଘର ସହ ୪୪ଟି ଉପଡାକଘର ଏହି ଆର୍‌ଏମ୍‌ଏସ୍ ଉପରେ ନିର୍ଭରଶୀଳ। ଜିଲାବାସୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଡାକ ବିଭାଗ ଆର୍‌ଏମ୍‌ଏସ୍ ବ୍ୟବସ୍ଥାକୁ ଉଠାଇନେବା ଦୁର୍ଭାଗ୍ୟଜନକ। ଏନେଇ ଓଡ଼ିଶା ମୁଖ୍ୟ ପୋଷ୍ଟମାଷ୍ଟର ଜେନେରାଲ ଓ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି ବୋଲି ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ କହିଛନ୍ତି। ଏହା ଉପରେ ତୁରନ୍ତ ପଦକ୍ଷେପ ନିଆ ନ ଗଲେ ମେଡିକାଲ କଲେଜ ଦାବି ପରି ଆବଶ୍ୟକ ପଡ଼ିଲେ ଏହା ବିରୋଧରେ ଧାରଣା ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ଗାଡ଼ି ଚେକିଂ ବେଳେ ମିଳିଲା ବ୍ରାଉନସୁଗାର, ଯୁବକ ଗିରଫ


ଖବରଦାତା ସମ୍ମିଳନୀରେ ପୋଲିସ ଘଟଣା ସମ୍ପର୍କରେ ସୂଚନା ଦେଉଛି।

ଭଦ୍ରକ,୧୨।୧୨(ସନାତନ ରାଉତ)

ଭଦ୍ରକ ପୁରୁଣାବଜାର ଥାନା ଅଧୀନ ସନ୍ଥିଆ ପୋଲ ନିକଟରେ ବୁଧବାର ମୋଟର ଯାନ ଚେକିଂ ବେଳେ ପୋଲିସ ଜଣେ ଯୁବକଙ୍କଠାରୁ ୩୪.୪୨୦ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ଉକ୍ତ ଯୁବକଙ୍କୁ ପୋଲିସ ଗିରଫ କରିବା ସହ ୪ଟି ମୋବାଇଲ ଓ ଏକ ସ୍କୁଟି, ପାନ୍‌କାର୍ଡ, ଭୋଟର କାର୍ଡ ଜବତ କରିଥିବା ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା ସୂଚନା ଦେଇଛନ୍ତି।

ଗୁରୁବାର ପୁରୁଣାବଜାର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସୂଚନା ଦେଇ କହିଛନ୍ତି, ପୁରୁଣାବଜାର ଥାନା ଅଧୀନ ଶଙ୍କରପୁର ଗ୍ରାମର ଏହେସାନ୍ ସାହା ସ୍କୁଟିରେ ଯାଉଥିବା ବେଳେ ସବ୍‌ଇନ୍ସପେକ୍ଟର ବଭ୍ରୁବାହନ ନାଇକ ତାଙ୍କୁ ଅଟକାଇ ଯାଞ୍ଚ କରିଥିଲେ। ତାଙ୍କ ପାଖରୁ ବ୍ରାଉନସୁଗାର ପୁଡ଼ିଆ ବାହାରିଥିଲା। ଏନେଇ ଏକ ମାମଲା (ନଂ.୩୪୭/୨୪) ରୁଜୁ କରାଯାଇ ଏହେସାନ୍‌ଙ୍କୁ କୋର୍ଟଚାଲାଣ ପରେ ଜେଲ ପଠାଯାଇଛି। ଅତିରିକ୍ତ ଏସ୍‌ପି (ଡିଆଇବି) ଅଂଶୁମାନ ଦ୍ୱିବେଦୀ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ‘କାନ୍ତକବି ଥିଲେ ଯନ୍ତ୍ରଣା ଜର୍ଜରିତ ମହାନ ସାଧକ’



ମହୋତ୍ସବରେ ଉପସ୍ଥିତ ଅତିଥି।

ଭଦ୍ରକ,୧୨।୧୨(ସନାତନ ରାଉତ)

### ତ୍ୟାଗଭୂମି ମହୋତ୍ସବର ୨ୟ ସନ୍ଧ୍ୟା

କାନ୍ତକବି ଯନ୍ତ୍ରଣା ଜର୍ଜରିତ ମହାନ ସାଧକ ଥିଲେ ବୋଲି ଭଦ୍ରକ ତ୍ୟାଗଭୂମି ମହୋତ୍ସବର ୨ୟ ସନ୍ଧ୍ୟାରେ ଅତିଥିମାନେ କହିଛନ୍ତି। ଭଦ୍ରକ ମଠସାହି ନୂଆ ବସ୍‌ଷ୍ଟାଣ୍ଡ ନିକଟ ଗୋପାଳଜୀଉ ମଠ ପଡ଼ିଆରେ ଚାଲିଥିବା ଜିଲା ସାଂସ୍କୃତିକ ସମ୍ମେଳନ ତ୍ୟାଗଭୂମି ମହୋତ୍ସବର ୨ୟ ସନ୍ଧ୍ୟାକୁ କାନ୍ତକବି ମଞ୍ଚ ନାମରେ ନାମିତ କରାଯାଇଥିଲା। ‘କାଳଜୟୀ ସଙ୍ଗୀତର ସ୍ରଷ୍ଟା କାନ୍ତକବି ଲକ୍ଷ୍ମୀକାନ୍ତ’ ଶୀର୍ଷକ ଆଲୋଚନାଚକ୍ରରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଯନ୍ତ୍ରଣା ଜର୍ଜରିତ ଜୀବନ ଓ ଯନ୍ତ୍ରଣା ଭିତରେ ସେ କରିଥିବା କାଳଜୟୀ ରଚନା ଉପରେ ବକ୍ତାମାନେ ଆଲୋକପାତ କରିଥିଲେ। ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସଭାପତି ଇଂ. ଅଖିଳ କୁମାର ପାଢ଼ୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୌଦ୍ଧିକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଲେଖକ ବ୍ରଜେନ୍ଦ୍ର ନାଥ ଗିରି, ମୁଖ୍ୟବକ୍ତା ଅଧ୍ୟାପକ ଦୟାନିଧି ସାହୁ ଏବଂ ବରେଣ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ କ୍ଷୀରୋଦ କୁମାର ସାମଲ ଯୋଗଦେଇ କାନ୍ତକବିଙ୍କ କାଳଜୟୀ ରଚନା ଉପରେ କହିଥିଲେ। ସୁଧାକର ରାଉତ ମଞ୍ଚ ଆହ୍ୱାନ କରିଥିବା ବେଳେ ସାମାଜିକ କର୍ମୀ ଅମ୍ବିକା ବଲ୍ଲଭ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ବାବୁଲାଲ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଭଦ୍ରକ ମନ୍ଦିରା ଡ୍ୟାନ୍ସ ଏକାଡେମୀ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ମହୋତ୍ସବ କମିଟି ସଭାପତି ଅଜୟ ନାୟକ, ସମ୍ପାଦକ ଅଧିବକ୍ତା ଗଦାଧର ବଳ, ଇଂ. ଅମ୍ବିକା ବଲ୍ଲଭ ସ୍ୱାଇଁ, ଅଶୋକ ଦ୍ୱିବେଦୀ, ଲଲାଟେନ୍ଦୁ ମଲ୍ଲିକ, ମନୋରଞ୍ଜନ ଦାସ, ବିପ୍ଳବ ହୋତା, ଗୟାଧର ପଣ୍ଡା, ମଦନ ମୋହନ ନାୟକ, ବିଚିତ୍ରାନନ୍ଦ ମହାନ୍ତି, ପଦ୍ମନ କୁମାର ରାୟ, ଶାନ୍ତନୁ ରାଉତ, ବସନ୍ତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ସାଇବର ଠକେଇର ଶିକାର ହେଲେ ଡାକ୍ତର

### ଆକାଉଣ୍ଟରୁ ଚାଲିଗଲା ୭୫ ହଜାର

ଧାମନଗର,୧୨।୧୨ (ଦେବେନ୍ଦ୍ର ଆନ୍ଦିଆ/ସନ୍ତୋଷ କୁମାର ମହାପାତ୍ର)


ଡା. ଶ୍ରୀମାଧବ ସେଠୀ।

ଡାକ୍ତରଖାନାରେ ରୋଗୀଦେଖାରେ ବ୍ୟସ୍ତ ଥିଲେ ଡାକ୍ତର। ଏହି ସମୟରେ ଏକ ଫୋନ୍ କଲ୍ ଆସିଲା। ଜଣେ ବ୍ୟକ୍ତି ଭୁଲ୍‌ରେ ତାଙ୍କ ଆକାଉଣ୍ଟକୁ ଟଙ୍କା ପଠାଇ ଦେଇଥିବା ଡାକ୍ତରଙ୍କୁ କହିଥିଲେ। ବ୍ୟସ୍ତତା ଯୋଗୁ ଠିକ୍ ଭାବେ ନ ବୁଝି କିମ୍ବା ଚେକ୍ ନ କରି ସାଇବର ଠକେଇର ଶିକାର ହୋଇଛନ୍ତି ଭଦ୍ରକ ଜିଲା ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଶ୍ରୀମାଧବ ସେଠୀ। ତାଙ୍କ ଆକାଉଣ୍ଟରୁ ୭୫ ହଜାର ଟଙ୍କା ଠକି ନେଇଛନ୍ତି ସାଇବର ଠକ। ଗତ ୧୦ ତାରିଖରେ ଏହି ଘଟଣା ଘଟିଥିବା ବେଳେ ଡାକ୍ତର ସେଠୀ ବୁଧବାର ଧାମନଗର ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଡାକ୍ତର ସେଠୀ ସେଦିନ ଡାକ୍ତରଖାନାରେ ରୋଗୀ ଦେଖୁଥିବା ସମୟରେ ଏକ ଅଜଣା ନମ୍ବରରୁ ଫୋନ୍ କଲ୍ ଆସିଥିଲା। ଜଣେ ବ୍ୟକ୍ତି ହିନ୍ଦୀ ଭାଷାରେ ତାଙ୍କୁ କହିଥିଲେ ଯେ ସାର୍ ଭୁଲ୍‌ରେ ଆପଣଙ୍କ ଆକାଉଣ୍ଟକୁ ୭୫ ହଜାର ଟଙ୍କା ଚାଲିଯାଇଛି। ଗୋଟିଏ ଦୁର୍ଘଟଣା କେସ୍‌ରେ ପଠାଉଥିଲେ, ଭୁଲ୍‌ରେ ତାଙ୍କ ଆକାଉଣ୍ଟକୁ ପଳାଇଯାଇଛି। ଏକ ମେଡିକାଲ କେସ୍‌ରେ ନିହାତି ଆବଶ୍ୟକ। ସେ ଦେଇଥିବା ନମ୍ବରରେ ୭୫ ହଜାର ଟଙ୍କା ପଠାଇବାକୁ କହିଥିଲେ। ଏପରିକି ତାଙ୍କ ହ୍ୱାଟ୍ସଆପ୍‌କୁ ୭୫ ହଜାର ଟଙ୍କା ଗୁଗଲ୍ ପେ’ର ଏକ ସ୍କ୍ରିନସଟ୍ ପଠାଇଥିଲେ। କାର୍ଯ୍ୟବ୍ୟସ୍ତତା ଭିତରେ ସେ ନିଜ ଆକାଉଣ୍ଟ ଚେକ୍ ନ କରି ଉକ୍ତ ନମ୍ବରକୁ ଗୁଗଲ୍ ପେ’ରେ ପ୍ରଥମେ ୫୦ ହଜାର ଏବଂ ପରେ ୨୫ ହଜାର ଏପରି ଦୁଇଥରରେ ୭୫ ହଜାର ଟଙ୍କା ପଠାଇ ଦେଇଥିଲେ। ରୋଗୀ ଦେଖି ସାରିବା ପରେ ନିଜ ଆକାଉଣ୍ଟ ଚେକ୍ କରି କୌଣସି ଟଙ୍କା ଆସି ନ ଥିବା ଜାଣିଥିଲେ। ଏନେଇ ଡାକ୍ତର ସେଠୀ କହିଛନ୍ତି, ରୋଗୀ ଦେଖିବାରେ ବ୍ୟସ୍ତ ଥିବା ସହ ଡାକ୍ତରଖାନାକୁ ସିଡିଏମ୍‌ଓ ଆସିଥିଲେ। ବ୍ୟକ୍ତି ଜଣକ ବାରମ୍ବାର ଟଙ୍କା ଫେରାଇବା ପାଇଁ ନିବେଦନ କରିବା ସହ ଏକ ମେସେଜ୍ ଯାଇଛି ବୋଲି କହିଥିଲେ। ମେସେଜ ଦେଖି ଉକ୍ତ ନମ୍ବରକୁ ଟଙ୍କା ପଠାଇ ଦେଇଥିଲେ। ଆକାଉଣ୍ଟ ଚେକ୍ କରିବା ପରେ ସାଇବର ଠକାମିର ଶିକାର ହୋଇଥିବା ନିଶ୍ଚିତ ହୋଇଥିଲେ। ଏନେଇ ସେ ଅନ୍‌ଲାଇନରେ ସାଇବର ଥାନାକୁ ଅଭିଯୋଗ ପଠାଇବା ସହ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଥିବା କହିଛନ୍ତି।

## ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ପ୍ରତିମୂର୍ତ୍ତି ଉନ୍ମୋଚିତ

ଭଦ୍ରକ୍, ୧୨।୧୨ (ରବିନାରାୟଣ ଖିଲାର)




ଭଦ୍ରକ ସହର କୁଆଁସ ଗ୍ରାମର ସାମାଜିକ କର୍ମୀ ସ୍ୱର୍ଗତ ଅମୟ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଗୁରୁବାର ତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ବରିଷ୍ଠ ଅଧିବକ୍ତା ଅତିଶ ବେହେରା, କବି ରମେଶ ଚନ୍ଦ୍ର ସ୍ୱାଇଁ, ଖବରଦାତା ପ୍ରଦୀପ କୁମାର ବଳ, ସୁରେନ୍ଦ୍ର ରାୟ, କ୍ଷୀରୋଦ ବିଶ୍ୱାଳ, ସେକ୍ ଅବଦୁଲ ରହିମ, ସୁରେଶ ମହାନ୍ତି, ଟୁଲୁ ମହାନ୍ତି, ସୁବାସ ମହାନ୍ତି ପ୍ରମୁଖ ଯୋଗଦେଇ କହିଥିଲେ, ଅମୟ ଜଣେ ପରୋପକାରୀ ବ୍ୟକ୍ତି ଥିଲେ। ପରିବାର ପକ୍ଷରୁ ଏହି ପ୍ରତିମୂର୍ତ୍ତି କରାଯାଇଥିବାରୁ ତାଙ୍କ ପୁଅ ବୋହୂମାନଙ୍କୁ ଅତିଥିମାନେ କୃତଜ୍ଞତା ଜଣାଇଥିଲେ। ପୁଅ ବୁବୁନ ଦାସ, ବର୍ଷ୍ଟି ଦାସ ଓ ଚିଣ୍ଟୁ ଦାସ ଧନ୍ୟବାଦ ଦେଇଥିଲେ।

## ପୂର୍ବତଟ ରେଳପଥ ଚାମ୍ପିୟନ

ଭଦ୍ରକ,୧୨।୧୨ (ସନାତନ ରାଉତ)

### ଭଦ୍ରକ ସିନିୟର ଇଣ୍ଟ୍ରା କ୍ଲବ୍ କ୍ରିକେଟ ଉଦ୍‌ଯାପିତ

ଭଦ୍ରକ ଜିଲା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚରମ୍ପା ରେଲୱେ ପଡ଼ିଆରେ ଚାଲିଥିବା ଜିଲା ସିନିୟର ପୁରୁଷ ଇଣ୍ଟ୍ରା କ୍ଲବ୍ କ୍ରିକେଟ୍ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଭଦ୍ରକ ପୂର୍ବତଟ ରେଳପଥ ୯୯ ରନ୍‌ରେ ଭଦ୍ରକ ଜଗନ୍ନାଥପୁରର କଳିଙ୍ଗ କ୍ଲବକୁ ହରାଇ ଚାମ୍ପିୟନ ହୋଇଛି। ପୂର୍ବତଟ ରେଳପଥ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୪୦ ଓଭରରେ ୨୫୪ ରନ୍ କରିଥିଲା। ଦଳ ପକ୍ଷରୁ ଆକାଶ ମହାପାତ୍ର ୫୦ ରନ୍, ଆଶୁତୋଷ ସାମଲ ୪୫ ରନ୍ ଓ ସାହିଲ ଖାନ୍ ୩୧ ରନ୍ କରିଥିଲେ। କଳିଙ୍ଗ କ୍ଲବ୍ ପକ୍ଷରୁ ଅଙ୍କିତ ଦାସ ୩ ଓ ଶାନ୍ତନୁ ଦାସ ୩ ଉଇକେଟ୍ ଅକ୍ତିଆର କରିଥିଲେ। ୨୫୫ ରନ୍ ବିଜୟ ଲକ୍ଷ୍ୟ ନେଇ କଳିଙ୍ଗ କ୍ଲବ୍ ବ୍ୟାଟିଂ ଆରମ୍ଭ କରି ୩୬ ଓଭରରେ ୧୫୫ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅଂଶୁମାନ ମହାନ୍ତି ୬୭ ରନ୍ ଓ ଦେବରାଜ ବାରିକ ୪୫ ରନ୍ ସଂଗ୍ରହ କରିଥିଲେ। ପୂର୍ବତଟ ରେଳପଥର ନୀହାର ଭୂୟାଁ ୬ ଉଇକେଟ୍ ଅକ୍ତିଆର୍ କରିଥିଲେ। ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ ଲଲାଟ କେଶରୀ ନନ୍ଦ ଓ ସତ୍ୟରଞ୍ଜନ ସାବତ।

ଆସୋସିଏଶନର ସଭାପତି ଉପେନ୍ଦ୍ର କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଓ ସାଧାରଣ ସମ୍ପାଦକ ଧୀରେନ ପଲାଇ ଯୋଗଦେଇ ଚାମ୍ପିୟନ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ଯତିକାନ୍ତ ନାୟକ, କିଶୋର ମହାପାତ୍ର ଓ ଜିଲାର ଜଣେ ପୂର୍ବତନ କ୍ରିକେଟର ଅଶୋକ କୁମାରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆସୋସିଏଶନର ସଦସ୍ୟ ନରେନ ପଲାଇ, ଭବତୋଷ ଦାସ, ନୀଳମାଧବ ଦାସ, ଦିଲୀପ କୁମାର ନାୟକ, ବ୍ୟୋମକେଶ ସେନାପତି, ରବିନାରାୟଣ ପାଣିଗ୍ରାହୀ, ପାର୍ଥସାରଥୀ ରାୟ, ଲକ୍ଷ୍ମୀକାନ୍ତ ଷଡ଼ଙ୍ଗୀ, ଅତିଶ ବେହେରା, ତୁଷାରକାନ୍ତ ଦାସ, ସଞ୍ଜୀବ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


ସନ୍ଧ୍ୟା ସମୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରାସ୍ତା ଜାମ୍ କରୁଛନ୍ତି ବୁଲା ଗୋରୁ।

## ମେଡିସିନ ରିପ୍ରେଜେଣ୍ଟେଟିଭଙ୍କଠାରୁ ଝାମ୍ପିନେଲେ ଟଙ୍କାବ୍ୟାଗ୍

ଭଣ୍ଡାରିପୋଖରୀ,୧୨।୧୨(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଥାନା ୧୬ ନଂ. ଜାତୀୟ ରାଜପଥର କହରାପୋଖରୀ ୪ନମ୍ବର କେନାଲ ନିକଟରେ ଗୁରୁବାର ଅପରାହ୍ନରେ ଜଣେ ମେଡିସିନ ରିପ୍ରେଜେଣ୍ଟେଟିଭଙ୍କଠାରୁ ୮୫ ହଜାର ଟଙ୍କା ଲୁଟ୍ ହୋଇଛି। ସୂଚନା ଅନୁଯାୟୀ, ମେଡିସିନ ରିପ୍ରେଜେଣ୍ଟେଟିଭ ବାସୁଦେବପୁର ଥାନା ଆରୁହା ଗ୍ରାମର ନରେନ୍ଦ୍ର ପ୍ରସାଦ ପାଢ଼ୀ ଭଣ୍ଡାରିପୋଖରୀରୁ ନଗଦ ୮୫ ହଜାର ଟଙ୍କା, ୧୦ ହଜାର ଟଙ୍କାର ଚେକ୍ ସହ ଅନ୍ୟାନ୍ୟ କାଗଜପତ୍ର ଥିବା ବ୍ୟାଗ୍ ଧରି ବାଇକ୍‌ରେ ଭଦ୍ରକ ଫେରୁଥିଲେ। କଳା ରଙ୍ଗର ବାଇକ୍‌ରେ ପଛରୁ ତାଙ୍କୁ ପିଛା କରି ୨ଜଣ ଦ୍ରୁତଗତିରେ ଆସି ତାଙ୍କ ଟଙ୍କା ବ୍ୟାଗ୍‌କୁ ଝାମ୍ପିନେଇ ଭଦ୍ରକ ଆଡ଼କୁ ପଳାଇଥିଲେ। ନରେନ୍ଦ୍ର ଏନେଇ ଥାନାରେ ଅଭିଯୋଗ କରିଛନ୍ତି।

## ଉପାନ୍ତରେ ଧାନ ଜଗିବ କ୍ୟାମେରା

**ଚମ୍ପୁଆ,୧୨।୧୨(ମହେଶ୍ୱର ଦାସ):** ଓଡ଼ିଶା ଓ ଝାଡ଼ଖଣ୍ଡ ରାଜ୍ୟର ସୀମା ଚମ୍ପୁଆ ବର୍ଡର ଦେଇ ବାହାର ରାଜ୍ୟରୁ ଆସୁଥିବା ଧାନକୁ ରୋକିବା ପାଇଁ ନିୟନ୍ତ୍ରିତ ବଜାର କମିଟି ଚମ୍ପୁଆ ପକ୍ଷରୁ କ୍ୟାମେରା ବ୍ୟବସ୍ଥା କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଇନପୁଟ୍ ସହାୟତା ୮୦୦ଘୋଷଣା ପରେ ଚାଷୀ କୁଇଣ୍ଟାଲ ପ୍ରତି ୩୧ ସହ ଟଙ୍କା ପାଇବେ। ବର୍ଦ୍ଧିତ ମୂଲ୍ୟ ପାଇଁ ବାହାର ରାଜ୍ୟରୁ ଦଲାଲ ଗଳାବାଟଦେଇ ଧାନ ଆଣିବାର ସମ୍ଭାବନା ରହିଛି। ଏହାକୁ ଆକ୍ଷୀ ଆଗରେ ରଖି ବାହାରରାଜ୍ୟରୁ ଆସୁଥିବା ଧାନରେ ରୋକ ଲଗାଇବା ପାଇଁ ଗାଡ଼ିରେ କ୍ୟାମେରା ବ୍ୟବସ୍ଥା କରାଯାଇଥିବା ସହକାରୀ ଯୋଗାଣ ଅଧିକାରୀ ମଙ୍ଗଳ ସିଂ ସୂଚନା ଦେଇଛନ୍ତି। ଜିଲାମୁଖ୍ୟ ଯୋଗାଣଅଧିକାରୀ ଅଜୟ ରଥ ଆରଏମ୍‌ସି ସମ୍ପାଦକ ଦିଗାମ୍ବର ପ୍ରଧାନ ଗାଡ଼ିକୁ ଶୁଭାରମ୍ଭ କରିଥିଲେ।

## ‘ସୁସ୍ଥ ମାନସିକତା ସୁସ୍ଥ ବାତାବରଣ ସୃଷ୍ଟି କରେ’



ଜୁରିଷ୍ଟ ସମ୍ମିଳନୀରେ ପୂର୍ବତନ ଜଷ୍ଟିସ ବି ଡି ରାଠି।

ଭଦ୍ରକ,୧୨।୧୨(ସନାତନ ରାଉତ)

ଭଦ୍ରକ ପୁରୁଣା କୋର୍ଟ ଓକିଲ ସଂଘ ସମ୍ମିଳନୀ କକ୍ଷରେ ବ୍ରହ୍ମାକୁମାରୀ ଭଦ୍ରକ ପକ୍ଷରୁ ଏକ ଜୁରିଷ୍ଟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ମଧ୍ୟପ୍ରଦେଶ ହାଇକୋର୍ଟର ପୂର୍ବତନ ଜଷ୍ଟିସ ବି ଡି ରାଠି ଓ ମାଉଣ୍ଟଆବୁର ଜୁରିଷ୍ଟ ବିଭାଗର ରାଷ୍ଟ୍ରୀୟ ସଂଯୋଜିକା ରାଜଯୋଗିନୀ ଲତା ଆର୍ ଅଗ୍ରୱାଲ ଯୋଗ ଦେଇଥିଲେ। ‘ଆଧ୍ୟାତ୍ମିକ ଶକ୍ତି ଦ୍ୱାରା ଏକ ସୁସ୍ଥ ଏବଂ ନ୍ୟାୟପୂର୍ଣ୍ଣ ସମାଜ ଗଠନ’ ଶୀର୍ଷକ ଆଲୋଚନାରେ ଜଷ୍ଟିସ୍ ରାଠି କହିଥିଲେ, ସୁସ୍ଥ ମାନସିକତା ହିଁ ସୁସ୍ଥ ନ୍ୟାୟପୂର୍ଣ୍ଣ ବାତାବରଣ ସୃଷ୍ଟି କରିପାରିବ। ସେଥିପାଇଁ ଆଧ୍ୟାତ୍ମିକ ଅଭ୍ୟାସ ଆବଶ୍ୟକ। ଭଦ୍ରକ ଓକିଲ ସଂଘର ପୂର୍ବତନ ଉପସଭାପତି ଆଇନଜୀବୀ ମାନସ ରଞ୍ଜନ ଦାସ ଓ ଆଇନଜୀବୀ ହରିହର ମହାନ୍ତି ଯୋଗ ଦେଇଥିଲେ। ବ୍ରହ୍ମାକୁମାରୀ ଭଦ୍ରକର ଉପସଞ୍ଚାଳିକା ବ୍ରହ୍ମାକୁମାରୀ ନନ୍ଦିନୀ, ବ୍ରହ୍ମାକୁମାର ଜୟକୃଷ୍ଣ ପ୍ରମୁଖ ଉପସ୍ଥିତ ଥିଲେ।

## ବକେୟା ଅର୍ଥ ନ ମିଳିବାରୁ କ୍ଷୋଭ

### ରିଟେଲର ସଂଘର ବୈଠକ

ତିହିଡ଼ି,୧୨।୧୨(ସଞ୍ଜିତ ବଳ)



ବୈଠକରେ ଉପସ୍ଥିତ ରିଟେଲରମାନେ।

ତିହିଡ଼ି ବ୍ଲକ୍ ରିଟେଲର ସଂଘ ପକ୍ଷରୁ ଗୁରୁବାର ତାଳପଦା ପଞ୍ଚାୟତ କାନ୍ତକବିଙ୍କ ପୀଠ ନିକଟସ୍ଥ ବଡମ୍ବା ପଡ଼ିଆରେ ବନ୍ଧୁମିଳନ ଓ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। କରୋନା ସମୟରେ ରିଟେଲରମାନେ ନିଜ ଜୀବନକୁ ବିପନ୍ନ କରି ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ବଣ୍ଟନ କରିଥିଲେ। ଏ ବାବଦକୁ ବକେୟା ପାରିଶ୍ରମିକ ଅର୍ଥ ଏବଂ ଇ-କେୱାଇସି ବାବଦ ଅର୍ଥ ମିଳିବା ନେଇ ରିଟେଲର ସଂଘ ଲଢ଼େଇ ଜାରି ରଖିଛି। ଗତ କିଛିଦିନ ତଳେ ରାଜ୍ୟରେ ସମସ୍ତ ଜିଲାରେ ଜିଲାପାଳଙ୍କ ଜରିଆରେ ସରକାରଙ୍କୁ ୭ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ ସୁଫଳ ମିଳି ନ ଥିବାରୁ ବୈଠକରେ ସଂଘ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି।

ସଂଘ ସମ୍ପାଦକ କୈଳାସ ବେହେରାଙ୍କ ସଞ୍ଚାଳନରେ ଅନୁଷ୍ଠିତ ବୈଠକରେ ଜିଲା ସଭାପତି ଜଗବନ୍ଧୁ ଲେଙ୍କା, ଭଦ୍ରକ ପୌରପାଳିକା ସଭାପତି ଅବଦୁଲ ଅଜଗର, ତିହିଡ଼ି ବ୍ଲକ ସଭାପତି ରବୀନ୍ଦ୍ର ମହାକୁଳ, ବାସୁଦେବପୁର ବ୍ଲକ ସଭାପତି ସୁରେନ୍ଦ୍ର ପଣ୍ଡା, ସାମାଜିକ କର୍ମୀ ବାଣୀକଲ୍ୟାଣ ମହାପାତ୍ର, ଅଜୟ ପଣ୍ଡା ପ୍ରମୁଖ ଯୋଗଦେଇ ନିଜର ଅଧିକାର ପାଇଁ ଏ ଲଢ଼େଇ ଜାରି ରହିବ ବୋଲି କହିଥିଲେ। ସଂଘ ପକ୍ଷରୁ ରିଟେଲର ପୂର୍ଣ୍ଣଚନ୍ଦ୍ର ଓଝା, ଚକ୍ରଧର ଲେଙ୍କା, ଶରତ ଚନ୍ଦ୍ର କବି, ଜିତେନ୍ଦ୍ର ବେହେରା, ବାସ୍ତବ ପଣ୍ଡା, ସୁଦାମ ଦାସ, ବ୍ରହ୍ମାନନ୍ଦ ମହାପାତ୍ର, ଗୟାଧର ବାରିକ, ସୁବାସ ଦାସ, ନକୁଳ ରାଉତ, ବାବୁଲି ଭଞ୍ଜ, ସୁବ୍ରତ ନାୟକ, ଶଶିକାନ୍ତ ରାଉତ, ସଞ୍ଜୟ ମଲ୍ଲିକ, ବାଇଧର ପରିଡ଼ା, ଅଜୟ କୁମାର ବ୍ରହ୍ମ, ବାପୁଜୀ ରାଉତ, ବିଦ୍ୟାଧର ପଣ୍ଡା, ସୀତାକାନ୍ତ ନାୟକ, ପଞ୍ଚାନନ ମିଶ୍ର, କୈଳାସ ଯେନା, ଭାଗୀରଥି ବେହେରା, ମାର୍କଣ୍ଡ ମଲ୍ଲିକ, ବିଶ୍ୱନାଥ ପୃଷ୍ଟି, ସତ୍ୟାନନ୍ଦ ଧଳ, ନାରାୟଣ ନାୟକ, ମନୋରଞ୍ଜନ ବେହେରା, ଭାସ୍କର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଉପସଭାପତି ଲକ୍ଷ୍ମୀକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଗାଡ଼ି ସହ ୨୦ ଖଣ୍ଡ ଶାଗୁଆନ ଗଣ୍ଡି ଜବତ

ପାଟଣା,୧୨।୧୨(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବନ ବିଭାଗ ପକ୍ଷରୁ ଗୁରୁବାର ୨୦ ଖଣ୍ଡ ଶାଗୁଆନ ଗଣ୍ଡି ସହ ଗାଡ଼ି ଜବତ କରାଯାଇଛି। କାଠଗଣ୍ଡି ବିଲ୍ଲାରୁ ଚଢ଼େଇ ଭୋଳ ଅଭିମୁଖେ ଯାଉଥିଲା। ବନ କର୍ମଚାରୀ ଖବର ପାଇ ବିଲ୍ଲା ନିକଟରେ କାଠ ବୋଝେଇ ମିନି ପିକ୍‌ଅପ୍ ଭ୍ୟାନକୁ ଜବତ କରିଥିଲେ। ଗାଡ଼ି ଭିତରୁ ୨୦ ଟି ଶାଗୁଆନ ଗଣ୍ଡିକୁ ବନ ବିଭାଗ ଜବତ କରିଛି। ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଜବତ କାଠର ଆନୁମାନିକ ମୂଲ୍ୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ରେଞ୍ଜର ବନ ବିହାରୀ ସର୍ଦ୍ଦାର କହିଛନ୍ତି। ବିଲ୍ଲାର ଜଣଙ୍କ ବାଡ଼ିରୁ ଗଛ କଟା ଯାଇଥିବା ବନ ବିଭାଗ ଜାଣିବାକୁ ପାଇଥିବା ସାହାରପଡ଼ା ବନପାଳ ଭୂପତି ସେଠୀ କହିଛନ୍ତି। ଚଢ଼ାଉରେ ଗାର୍ଡ ରଞ୍ଜିତା ମହାନ୍ତ, ପାରାଷ୍ଟାଫ୍ ଏମ୍‌ଡି ୱାସିମ, ତ୍ରିଲୋଚନ ମହାନ୍ତ, କାର୍ତ୍ତିକ ମହାନ୍ତ, ଝାଡ଼େଶ୍ୱର ମହାନ୍ତଙ୍କ ସହ ପାଟଣା ବନ କର୍ମଚାରୀ ସାମିଲ ଥିଲେ।

### ପଢ଼ିଆରୀପଲ୍ଲିରେ ଡାଲି ଜାତୀୟ ବିହନ ବଣ୍ଟନ

ବଉଳା,୧୨।୧୨(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ମରେଇଗାଁ କୃଷି କାର୍ଯ୍ୟାଳୟ ପକ୍ଷରୁ ପଢ଼ିଆରୀପଲ୍ଲି ପଞ୍ଚାୟତ କାର୍ଯ୍ୟାଳୟରେ ଡାଲି ଜାତୀୟ ବିହନ ଚାଷୀଙ୍କୁ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ କୃଷୀ ବିଭାଗ ଭିଏଲଡବ୍ଲ୍ୟୁ ସାନୁଆନ ଖାନ୍, ସରପଞ୍ଚ ଅଜିତ୍ ରାଉତ, ଏଏଫ୍‌ସି କୋଡିନେଟର ତନ୍ମୟ ଚାନ୍ଦ ଉପସ୍ଥିତ ରହି ଚାଷୀଙ୍କୁ ବିହନ ପ୍ରଦାନ କରିଥିଲେ। ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟି ହେବାରୁ ବହୁ ଚାଷ ଜମି ପଡ଼ିଆ ପଡ଼ିଥିଲା। ଏହାକୁ ନେଇ ସରକାର ବିଭିନ୍ନ ଗ୍ରାମରେ ଡାଲି ଜାତୀୟ ଚାଷକରି ଚାଷୀ ଯେଭଳି ଆର୍ଥିକ ସ୍ଥିତି ସମ୍ମୁଖୀନ ନହେବ ସେଥିପାଇଁ ସରକାରଙ୍କ ନିର୍ଦ୍ଦେଶ କ୍ରମେ ବିହନ ବଣ୍ଟନ କରାଯାଉଥିବା କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଲାଗି ହେଲା ଶହେରୁ ଊର୍ଦ୍ଧ୍ୱ ବ୍ୟଞ୍ଜନ

## ସିଦ୍ଧ ଜଗନ୍ନାଥଙ୍କ ବ୍ୟଞ୍ଜନ ଦ୍ୱାଦଶୀ

କେନ୍ଦୁଝର,୧୨।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)



ଜଗନ୍ନାଥଙ୍କୁ ବଢ଼ାଯାଇଥିବା ବ୍ୟଞ୍ଜନ।

କେନ୍ଦୁଝର ପୁରୁଣା ସହର ନିକଟ ସିଦ୍ଧମଠଠାରେ ସିଦ୍ଧ ଜଗନ୍ନାଥଙ୍କଠାରେ ବ୍ୟଞ୍ଜନ ଦ୍ୱାଦଶୀ ପାଳିତ ହୋଇଯାଇଛି। ସିଦ୍ଧ ଜଗନ୍ନାଥଙ୍କୁ ପାରମ୍ପରିକ ରୀତିନୀତି ପୂଜାର୍ଚ୍ଚନା କରି ଏକ ଶହରୁ ଊର୍ଦ୍ଧ୍ୱ ପ୍ରକାରର ବ୍ୟଞ୍ଜନ ଲାଗି ହୋଇଥିଲା। ବ୍ୟଞ୍ଜନରେ ମହାପ୍ରଭୁ ଆପ୍ୟାୟିତ ହୋଇଥିବା ବେଳେ ଏହାକୁ ଦେଖିବା ସହ ଭୋଗ ସେବନ କରିବାକୁ ଭକ୍ତଙ୍କ ଭିଡ଼ ଜମିଥିଲା।

ପ୍ରକାଶ ଯେ, କେନ୍ଦୁଝର ପୁରୁଣା ସହରସ୍ଥିତ ସିଦ୍ଧ ଜଗନ୍ନାଥଙ୍କ ମନ୍ଦିରରେ ୨୦୧୫ରେ ନବକଳେବର ପରଠାରୁ ବ୍ୟଞ୍ଜନ ଦ୍ୱାଦଶୀ ପାଳନ କରାଯାଉଛି। ଜିଲାର ସର୍ବପୁରାତନ ଏହି ମନ୍ଦିରରେ ଏକ ଶହରୁ ଊର୍ଦ୍ଧ୍ୱ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇ ସିଦ୍ଧ ଜଗନ୍ନାଥଙ୍କୁ ଅର୍ପଣ କରାଯାଇଥାଏ ବୋଲି ପହଣ୍ଡିଆ ସଂଘ ସଭାପତି ମଧୁସୂଦନ ମିଶ୍ର କହିଛନ୍ତି। ବିଭିନ୍ନ କିସମର ଖେଚୁଡ଼ି, ଘାଣ୍ଟ, ଶାଗ, ଦହି ଭାତ, ଡାଲି, ତରକାରୀ, ବଡ଼ି ଆଦି ଶୁଦ୍ଧ ଘିଅରେ ପ୍ରସ୍ତୁତ କରାଯାଇଥିଲା। ବହୁ ପ୍ରକାରର ଶାଗ, ଭଜା, ଆଦି ବ୍ୟଞ୍ଜନ, ମିଠାରେ କପୁରକେଳି, ଝିଲି, ଆରିସା, କାକରା, ପିଠା, ରସ ଗୋଲା, ଜିଲାପି, ଛେନାପୋଡ଼ ଆଦି ଭୋଗ ଲାଗି ହୋଇଥିବା ବରିଷ୍ଠ ସେବକ ସଚି ନନା କହିଛନ୍ତି। ଏହି ଅବସରରେ କେନ୍ଦୁଝରର ପ୍ରସିଦ୍ଧ ବଡ଼ି ଭଜା ଲାଗି ହୋଇଥିଲା ବୋଲି ସିଦ୍ଧ ଜଗନ୍ନାଥଙ୍କ ସେବକ ଆନନ୍ଦ ଖଣ୍ଡେଇ କହିଛନ୍ତି। ବିଭିନ୍ନ ପ୍ରକାରର ଜଙ୍ଗଲ ଜାତ ଫଳମୂଳ ଯଥା କ୍ଷୀର କୋଳି, ବର କୋଳି, ଭୁରୁଡୁ କୋଳି ଆଦି ସିଦ୍ଧ ଜଗନ୍ନାଥଙ୍କୁ ଅର୍ପଣ ପରେ ଭକ୍ତଙ୍କ ମଧ୍ୟରେ ବଣ୍ଟା ଯାଇଥିଲା।

## ପାଚିକା ସହାୟିକା ସଂଘର ୯ ଦଫା ସମ୍ବଳିତ ଦାବିପତ୍ର

କେନ୍ଦୁଝର,୧୨।୧୨(ଦୀପକ ମିଶ୍ର)

ପାଚିକା ସହାୟିକା ମଜଦୂର ସଂଘ ପକ୍ଷରୁ ଗୁରୁବାର କେନ୍ଦୁଝର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ୯ ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଅଲ ଓଡ଼ିଶା ମଜଦୂର ମହାସଂଘ କାର୍ଯ୍ୟକାରୀ ସଭାପତି ତଥା ବିଶ୍ୱକର୍ମା ମଜଦୁର ସଂଘ ବିଏମ୍‌ଏସ୍ କୋଷାଧ୍ୟକ୍ଷ ଉମାକାନ୍ତ ଦାସଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ସରକାରୀ କର୍ମଚାରୀ ମାନ୍ୟତା, ମାସିକ ବେତନ ୨୮ହଜାର, ସାମାଜିକ ସୁରକ୍ଷା ସହିତ ଇଏସ୍‌ଆଇ, ଇପିଏଫ ଲାଗୁ, ମୃତ୍ୟୁକାଳୀନ ସହାୟତା ରାଶି ୧୦ ଲକ୍ଷ, ଅବସର ପରେ ୫ ହଜାର ଟଙ୍କା ଭତ୍ତା, ରୋଷେଇ କାର୍ଯ୍ୟରେ ରନ୍ଧନ ଗ୍ୟାସ ଯୋଗାଣ, ପାଚିକାଙ୍କୁ ଡ୍ରେସ୍ କୋର୍ଡ ଲାଗୁ, ରୋଷେଇ ସୁରକ୍ଷା ଜାକେଟ, ଅବସର ସମୟରେ ଏକ କାଳୀନ ୫ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଦାବି କରିଛନ୍ତି। ସଂଘର ଜିଲା ସଭାନେତ୍ରୀ ଆରତୀ ପହୀ, ସମ୍ପାଦିକା ସଂଯୁକ୍ତା ପୃଷ୍ଟି, ବିଏମ୍‌ଏସ୍‌ର କାର୍ଯ୍ୟକର୍ତ୍ତା ରବିନ୍ଦ୍ର ଜେନା, ଖଗେଶ୍ୱର ମହାନ୍ତି, ସାଲମା ମାଝୀ, ପ୍ରତିମା ପରିଡ଼ା, ଗୁରୁବାରୀ ସାହୁ, ଲବନ୍ୟ ସାହୁ, ନୟନ ରାଉତ, କନକଲତା ପଲେଇ, ମଞ୍ଜୁଲତା ମାଝୀ, ଅନିତା ମୁଦୁଲି, ମନ୍ଦାକିନୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଲ ଓଡ଼ିଶା ଠିକା ମଜଦୂର ମହାସଂଘର କୋଷାଧ୍ୟକ୍ଷ ଲକ୍ଷ୍ମଣ ମହାକୁଡ଼, ପାଚିକା ସହାୟିକା ମହଜୁଦ ସଂଘ ସମ୍ପାଦିକା ବାସନ୍ତୀ ସାହୁ ସମେତ ଜିଲାର ସମସ୍ତ କାର୍ଯ୍ୟକର୍ତ୍ତା ୧୩ଟଗୋଟି ବ୍ଲକ୍‌ର ସହାୟିକାମାନେ ସାମିଲ ଥିଲେ।

# ଥାଇଲାଣ୍ଡ କୋଳି ଚାଷକରି ସ୍ୱାବଲମ୍ବୀ ସାବିତ୍ରୀ

## ଆପୋଲୋବେର ଚାଷରୁ ମାସିକ ୫୦ ହଜାର ରୋଜଗାର

ଆନନ୍ଦପୁର,୧୨।୧୨(ସୁଶାନ୍ତ କୁମାର ସାହୁ)





କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ବାରୁଆଁ ଗ୍ରାମରେ ଥାଇଲାଣ୍ଡର କୋଳି ଆପୋଲୋବେର ଫଳୁଛି। ବଜାରରେ କୋଳିର ଚାହିଦା ଥିବାରୁ ଏହି ଚାଷ ପ୍ରତି ମନ ବଳାଇ ଗ୍ରାମର ସାବିତ୍ରୀ ନାୟକ (୩୬) ରୋଜଗାରକ୍ଷମ ହୋଇପାରିଛନ୍ତି। ଚଳିତ ବର୍ଷ ପ୍ରଥମ ଥର ଉକ୍ତ କୋଳି ଚାଷକରି ଭଲ ରୋଜଗାର କରିଛନ୍ତି। ସରକାରୀ ସହାୟତା ମିଳିଲେ ଚାଷ ବଢ଼ାଇବା ସହ ଅଞ୍ଚଳର ଯୁବକଙ୍କୁ କାମ ଯୋଗାଇପାରନ୍ତେ ବୋଲି କହିଛନ୍ତି।

ପ୍ରକାଶ ଯେ, ସାବିତ୍ରୀ ଓ ତାଙ୍କ ସ୍ୱାମୀ ବିଜୟ କୁମାର ପ୍ରଧାନ ପ୍ରଥମେ ୨ ଏକର ବିଶିଷ୍ଟ ଜାଗାରେ ଥିବା ଏକ ପୋଖରୀରେ ମାଛଚାଷ କରୁଥିଲେ। ପରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ(ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା) ଏବଂ ଉଦ୍ୟାନ କୃଷି ବିଭାଗ ସହଯୋଗରେ ୧.୫ ଏକର ଚାଷଜମିରେ ଗତ ବର୍ଷ ଥାଇଲାଣ୍ଡ ଆପୋଲୋବେର କୋଳି ଲଗାଇବେ ବୋଲି ମନସ୍ଥ କରିଥିଲେ। ଏପିସି ପ୍ରୋଜେକ୍ଟ ମାଧ୍ୟମରେ ୫୦୦ କୋଳି ଚାରା ଆଣି ଗତ ବର୍ଷ ଫେବୃୟାରୀରେ ଲଗାଇଥିଲେ। ରକ୍ଷଣାବେକ୍ଷଣ ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଉଠାଇଥିଲେ। ନଭେମ୍ବରଠାରୁ ଆପୋଲୋବେର କୋଳି ବିକ୍ରି ଆରମ୍ଭ ହୋଇଥିବା ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର କୋଳି ବିକ୍ରି କରିସାରିଲେଣି। କେଜି ପ୍ରତି ୬୦ରୁ ୭୦ଟଙ୍କା ଦରରେ ବିକ୍ରି କରୁଥିବା କହିଛନ୍ତି। ଆଗକୁ ୫ କୁଇଣ୍ଟାଲରୁ ଊର୍ଦ୍ଧ୍ୱ କୋଳି ରପ୍ତାନି କରିବେ ବୋଲି ସାବିତ୍ରୀଙ୍କ ସ୍ୱାମୀ ବିଜୟ କୁମାର କହିଛନ୍ତି।

## ଉପାନ୍ତରେ ଧାନ ଜଗିବ କ୍ୟାମେରା

ଚମ୍ପୁଆ,୧୨।୧୨(ମହେଶ୍ୱର ଦାସ): ଓଡ଼ିଶା ଓ ଝାଡ଼ଖଣ୍ଡ ରାଜ୍ୟର ସୀମା ଚମ୍ପୁଆ ବର୍ଡର ଦେଇ ବାହାର ରାଜ୍ୟରୁ ଆସୁଥିବା ଧାନକୁ ରୋକିବା ପାଇଁ ନିୟନ୍ତ୍ରୀତ ବଜାର କମିଟି ଚମ୍ପୁଆ ପକ୍ଷରୁ କ୍ୟାମେରା ବ୍ୟବସ୍ଥା କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଇନପୁଟ୍ ସହାୟତା ୮୦୦ଘୋଷଣା ପରେ ଚାଷୀ କୁଇଣ୍ଟାଲ ପ୍ରତି ୩୧ ସହ ଟଙ୍କା ପାଇବେ। ବର୍ଦ୍ଧିତ ମୂଲ୍ୟ ପାଇଁ ବାହାର ରାଜ୍ୟରୁ ଦଲାଲ ଗଳାବାଟଦେଇ ଧାନ ଆଣିବାର ସମ୍ଭାବନା ରହିଛି। ଏହାକୁ ଆକ୍ଷୀ ଆଗରେ ରଖି ବାହାରରାଜ୍ୟରୁ ଆସୁଥିବା ଧାନରେ ରୋକ ଲଗାଇବା ପାଇଁ ଗାଡ଼ିରେ କ୍ୟାମେରା ବ୍ୟବସ୍ଥା କରାଯାଇଥିବା ସହକାରୀ ଯୋଗାଣ ଅଧିକାରୀ ମଙ୍ଗଳ ସିଂ ସୂଚନା ଦେଇଛନ୍ତି। ଜିଲାମୁଖ୍ୟ ଯୋଗାଣଅଧିକାରୀ ଅଜୟ ରଥ ଆରଏମ୍‌ସି ସମ୍ପାଦକ ଦିଗାମ୍ବର ପ୍ରଧାନ ଗାଡ଼ିକୁ ଶୁଭାରମ୍ଭ କରିଥିଲେ।

## ପ୍ରକୃତି ବନ୍ଧୁ ଚନ୍ଦନ ପଣ୍ଡା ସମ୍ବର୍ଦ୍ଧିତ




ଚନ୍ଦନ ପଣ୍ଡାଙ୍କୁ ଅତିଥି ମାନପତ୍ର ପ୍ରଦାନ କରୁଛନ୍ତି।

ଛେନାପଦି,୧୨।୧୨(ନିରାକାର ପରିଡ଼ା)

ମୋ ଭାରତ ଓ ନେହେରୁ ଯୁବ କେନ୍ଦ୍ର କେନ୍ଦୁଝର ଶାଖା ପକ୍ଷରୁ ଆୟୋଜିତ ଯୁବ ଉତ୍ସବ –୨୦୧୪ରେ ହାଟଡ଼ିହୀ ବ୍ଲକ୍ ଇଞ୍ଜୋଳ ଗ୍ରାମର ଯୁବ କବି, ପତ୍ରକାର ଓ ପ୍ରକୃତି ବନ୍ଧୁ ଚନ୍ଦନ ପଣ୍ଡାଙ୍କୁ କବିତା ପାଇଁ ପୁରସ୍କୃତ କରାଯାଇଛି। ଏହା ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ତରଫରୁ ଜିଲାସ୍ତରୀୟ ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ତ୍ରିଭାଷୀ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଓଡ଼ିଆ, ହିନ୍ଦୀ ଓ ଇଂରାଜୀ ଭାଷାରେ ୨୯ ବର୍ଷ ବୟସ ମଧ୍ୟରେ ବିଭିନ୍ନ ବର୍ଗର ଯୁବତୀ, ଯୁବକ ଯୋଗଦାନ କରିଥିଲେ। ନେହେରୁ ଯୁବ କେନ୍ଦ୍ର କେନ୍ଦୁଝର ଶାଖାର ଭାରପ୍ରାପ୍ତ ଯୁବା ଅଧିକାରୀ ବସୁନ୍ଧରା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜାତୀୟ ସମର୍ଥ ବାହିନୀର ନିର୍ଦ୍ଦେଶ ଅଧିକାରୀ ଲେଫ୍ଟନାଣ୍ଟ ମୟୁର ହେଗଡେ, ଯୁବା ସଫଳ ନୃତ୍ୟଶିଳ୍ପୀ ଚିରଶ୍ରୀ ସାଗରିକା ପ୍ରମୁଖ ଯୋଗଦାନ କରି ପୁରସ୍କୃତ କରିଥିଲେ। ଏଭଳି ସଫଳତା ନିମନ୍ତେ ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ସହ ଯୁବସାଥୀ, ବୁଦ୍ଧିଜୀବୀ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

## ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

ବାଲିଆପାଳ,୧୨।୧୨(ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ମୁଧୁପୁରା ପଞ୍ଚାୟତର ଚୌଧୁରୀକୁନ୍ଦ ଗ୍ରାମର ଜଣେ ଯୁବକଙ୍କବୁଧୁବାର ରାତିରେ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ମୃତକ ହେଲେ ଗୌତମ ସାହୁ(୨୪)। ସେ ପରିବାରର ଏକମାତ୍ର ରୋଜଗାରିଆ ପୁଅ ହୋଇଥିବାରୁ ତାଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଇଂଲିଶ କବିତା ପୁସ୍ତକ ଉନ୍ମୋଚିତ




ଅତିଥିମାନେ କବିତା ପୁସ୍ତକ ଉନ୍ମୋଚନ କରୁଛନ୍ତି।

ବାଲେଶ୍ୱର,୧୨।୧୨(ବାଞ୍ଛାନିଧି ଦେ)

ବାଲେଶ୍ୱର ରୋଟାରୀ ଭବନ ପରିସରରେ ଲେଖିକା ଦୀକ୍ଷା ଦେବଦର୍ଶିନୀଙ୍କ ଇଂଲିଶ କବିତା ପୁସ୍ତକ 'ଇନ୍ ଦ ମିଡିଷ୍ଟ ଅଫ୍ କେଓସ୍' ଉନ୍ମୋଚିତ ହୋଇଯାଇଛି। ଉନ୍ମୋଚନ ଉତ୍ସବରେ ରୋଟାରୀ କ୍ଲବର ସଭାପତି କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଏଫ୍‌ଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଦିଲ୍ଲୀପ ଘୋଷ ଯୋଗଦେଇ ଯୁବ ଲେଖିକାଙ୍କର ଏହି କବିତା ପୁସ୍ତକ ଯୁବପିଢ଼ିଙ୍କ ପାଇଁ ପ୍ରେରଣାଦାୟୀ ବୋଲି ବକ୍ତବ୍ୟରେ କହିଥିଲେ। ସମୀକ୍ଷକ ଭାବେ ମହାବିଦ୍ୟାଳୟର ଇଂଲିଶ ବିଭାଗ ମୁଖ୍ୟ ପ୍ରଫେସର ବିଜୟ କୁମାର ଦେ, ମୁଖ୍ୟବକ୍ତା କବି ଶ୍ରୀଦେବ ଯୋଗଦେଇ କବିତା ସଂକଳନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଲେଖିକା ଦେବଦର୍ଶିନୀ ଲେଖକୀୟ ଅଭିବ୍ୟକ୍ତି ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ବରିଷ୍ଠ ସଦସ୍ୟ ସୁବ୍ରତ କର ଲେଖକୀୟ ଚିନ୍ତାଧାରାକୁ ପରିପୃକ୍ତ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରବାଳ ସିହ୍ନା ଧନ୍ୟବାଦ ଦେଇଥିଲେ। କ୍ଲବର ସମସ୍ତ ସଦସ୍ୟାସଦସ୍ୟ, ସାହିତ୍ୟିକ, କବି, ଲେଖକ ଉପସ୍ଥିତ ଥିଲେ।

## ଯୋଗ ଦେବେ ୧୫ ହଜାର ଶ୍ରଦ୍ଧାଳୁ

ଖଇରା,୧୨।୧୨(ଉତ୍କଳବନ୍ଧୁ ପଣ୍ଡା)

### ୧୮ରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ମନ୍ଦିର ଉଦ୍‌ଘାଟନ

ବାଲେଶ୍ୱର ଜିଲା ଖଇରାଠାରେ ଆସନ୍ତା ୧୮ ତାରିଖରେ ଠାକୁର ଅନୁକୁଳଚନ୍ଦ୍ରଙ୍କ ମନ୍ଦିର ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଠାକୁରଙ୍କ ପ୍ରପୌତ୍ର ଅର୍କଦେବ ଚକ୍ରବର୍ତ୍ତୀ ଓ ତାଙ୍କର ୩ ପୁତ୍ରଙ୍କ ଦ୍ୱାରା ଏହି ମନ୍ଦିରର ଶୁଭ ଉଦ୍‌ବୋଧନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ ପାଇଁ ଭକ୍ତମାନେ ଉତ୍କଣ୍ଠାର ସହ ଚାହିଁବସିଛନ୍ତି। ଏଥିରେ ବାଲେଶ୍ୱର, ମୟୂରଭଞ୍ଜ,ଭଦ୍ରକ ଓ କେନ୍ଦୁଝର ସମେତ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଏବଂ ରାଜ୍ୟ ବାହରୁ ୧୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗ ଦେବାର କାର୍ଯ୍ୟକ୍ରମ ଅଛି। ଏହି ଅବସରରେ ଏକ ପ୍ରସ୍ତୁତି ବୈଠକ ତଥା ଖବରଦାତା ସମ୍ମିଳନୀ ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଖଇରା ସତସଙ୍ଗ କେନ୍ଦ୍ରର ସଭାପତି ରବିନାରାୟଣ ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ ସମ୍ମିଳନୀରେ ଉତ୍ସବ କମିଟିର ସଭାପତି ଚିନ୍ତାମଣି ସାହାଣି, ଅଭିଜିତ ପାଣିଗ୍ରାହୀ ଓ ଦିବାକର ମହାନ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସୁଦାମ ଚରଣ ରାଉତ ଧନ୍ୟବାଦ ଦେଇଥିଲେ।

## ଶଙ୍କରପୁରରେ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ଦାବି

ଯୋଡ଼ା,୧୨।୧୨(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ଚମକପୁର ପଞ୍ଚାୟତର ଚମକପୁର ଗ୍ରାମରେ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ନେଇ ଗ୍ରାମବାସୀ ଦାବି କରିଛନ୍ତି। ଲିଖିତ ଭାବେ ଯୋଡ଼ା ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମରେ ଲୋକଙ୍କ ଆବଶ୍ୟକତା ଅନୁଯାୟୀ ଗୋଷ୍ଠୀ କେନ୍ଦ୍ର ନିର୍ମାଣ କରିବା ପାଇଁ ଆକ୍ସନ ପ୍ଲାନ ଦିଆ ଯାଇଥିଲା। ତାହା ମଞ୍ଜୁର ହୋଇଥିଲେ ସୁଦ୍ଧା କାର୍ଯ୍ୟକାରୀ କରାଯାଇନାହିଁ। ପରୋକ୍ଷରେ ସେମାନେ ଉକ୍ତ ଗୋଷ୍ଠୀକେନ୍ଦ୍ର ନିର୍ମାଣ ସମ୍ପୂର୍ଣ୍ଣ ହୋଇ ତାହାର ବିଲ କରାଯାଇଥିବା ଶୁଣିବାକୁ ପାଇଛନ୍ତି। ଏଣୁ ଏହାର ନିରପେକ୍ଷ ତଦନ୍ତ ପାଇଁ ବିଡ଼ିଓଙ୍କୁ ଅନୁରୋଧ କରିଛନ୍ତି। ଯଦି ନିର୍ମାଣ କରାଯାଇନାହିଁ, ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଗ୍ରାମବାସୀଙ୍କ ସମେତ ୱାର୍ଡ ମେମ୍ବର ବିଭୀଷଣ ନାଏକ, ୱାର୍ଡ ମେମ୍ବର ନଳିନୀ ନାଏକ, ଝାଡ଼େଶେରୀ ନାଏକ, ବାଙ୍କେସ ବିହାରୀ ନାଏକ ପ୍ରମୁଖ ଅଭିଯୋଗ କରିଛନ୍ତି। ଜିଲାପାଳଙ୍କୁ ମଧ୍ୟ ଗ୍ରାମବାସୀ ଲିଖିତ ଭାବେ ଅବଗତ କରିଛନ୍ତି।

## ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟର ସୁରକ୍ଷା ଦାବି

କେନ୍ଦୁଝର,୧୨।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପରେ, ଫି ସଂରଚନାକୁ ସଂଶୋଧନ କରାଯାଇଛି। ପୂର୍ବରୁ ଛାତ୍ରମାନେ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଦେଇ ଆସୁଥିବା ଦେଇଠାରୁ ଅଧିକ ଦେୟ ଦେବାକୁ ପଡ଼ିବ। ଫଳରେ ଆର୍ଥିକ ଅସୁବିଧାରେ ଥିବା ପିଲା ବାଧ୍ୟ ହୋଇ ପାଠପଢ଼ା ଛାଡ଼ିବେ। ଯେହେତୁ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳିନାହିଁ ଏଣୁ ଏବେ ଛାତ୍ରମାନେ ଛାତ୍ରବୃତ୍ତି ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ, ଧରଣୀଧର ବିଶ୍ୱବିଦ୍ୟାଳୟର ସୁରକ୍ଷା ଓ ବିକାଶ ପାଇଁ ଛାତ୍ରୀଛାତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲାରେ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟକୁ ଉନ୍ନତି କରିବା ପରେ କେବଳ ୨ ସରକାରୀ କଲେଜ ତଥା ସରକାରୀ ମହିଳା ମହାବିଦ୍ୟାଳୟ, କେନ୍ଦୁଝର ଓ ସଂସ୍କୃତ ମହାବିଦ୍ୟାଳୟ, ଟୁକୁନା ରହିଛି। ପଡ଼ୋଶୀ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାରେ ଅନ୍ୟାନ୍ୟ ସରକାରୀ ମହାବିଦ୍ୟାଳୟ ଥିବା ସତ୍ତ୍ୱେ ଉଭୟ ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ଚାଲୁଛି। କେନ୍ଦୁଝରରେ ମଧ୍ୟ ଉଭୟ ମହାବିଦ୍ୟାଳୟ ସହିତ ଧରଣୀଧର ବିଶ୍ୱବିଦ୍ୟାଳୟ କାର୍ଯ୍ୟକାରୀ ହେଲେ ଉଚ୍ଚ ଶିକ୍ଷାର ବିକାଶ ହୋଇ ପାରିବ ବୋଲି ପ୍ରବୀନଜିତ୍ ଚକ୍ର, ସୌମ୍ୟରଞ୍ଜନ ପ୍ରଧାନ, ସୋହନ ବଇତାଇ, ମୋନାଲିସା ସାହୁ ସମେତ ବହୁ ଛାତ୍ର ଦସ୍ତଖତ କରି ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରଙ୍କ ଜରିଆରେ ଦାବିପତ୍ର ଦେଇଛନ୍ତି।

## 'ଉତ୍ସବ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭା ପ୍ରକାଶ କରେ'

କେନ୍ଦୁଝର,୧୨।୧୨(ଦୀପକ ମିଶ୍ର): କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଆନୁକୂଲ୍ୟରେ ବ୍ଲକ୍‌ସ୍ତରୀୟ ଶିଶୁ ଉତ୍ସବ ଗ୍ରାମ ପଞ୍ଚାୟତ ଭୂୟାଁ ଉଚ୍ଚ ବିଦ୍ୟାଳୟ, କରଙ୍ଗାଡିହିଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍‌ର ୧୧ ବିଦ୍ୟାଳୟର ୧୫୦ଜଣ ଛାତ୍ରୀଛାତ୍ର ୧୪ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବ୍ଲକ୍ ସଭାପତି ବୈକୁଣ୍ଠନାଥ ମହାନ୍ତଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଓଷ୍ଟା ଜିଲା ସଭାପତି ରଘୁନାଥ ବେହେରା, ମୁଖ୍ୟ ବକ୍ତାଭାବେ ସ୍ଥାନୀୟ ଆଶ୍ରମ ବିଦ୍ୟାଳୟର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀକାନ୍ତ ସାହୁ, ସମ୍ମାନିତ ଅତିଥିଭାବେ କରଙ୍ଗାଡିହି ପଞ୍ଚାୟତର ସରପଞ୍ଚ ବରୁଣ ଦେହୁରୀ, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଜାପାନ ଦେହୁରୀ, ଓଷ୍ଟା ଜିଲା ଉପ ସଭାପତି ମନ୍ମଥ ମହାନ୍ତ, ବ୍ଲକ୍ ସହ ସମ୍ପାଦକ ଲମ୍ବୋଦର ମହାନ୍ତ, ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱନାଥ ବାରିକ ପ୍ରମୁଖ ଯୋଗଦେଇ ଉତ୍ସବ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶ କରିଥାଏ ବୋଲି ମତପ୍ରକାଶ କରିଥିଲେ। ପ୍ରଥମ ଓ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀ ଡିସେମ୍ବର ୨୧ ଓ ୨୨ ରେ ତେଲକୋଇ ବ୍ଲକ୍ ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟ, ଦେଉଳଡ଼ିହାଠାରେ ହେବାକୁ ଥିବା ଜିଲାସ୍ତରୀୟ ଶିଶୁ ଉତ୍ସବରେ ଅଂଶଗ୍ରହଣ କରିବେ। ବ୍ଲକ୍ ସମ୍ପାଦକ ସୁଶାନ୍ତ ବେହେରା, ବିଦ୍ୟାଳୟର ଶିକ୍ଷକ ଯତିନ୍ଦ୍ର ପ୍ରଧାନ, ସୌଭାଗ୍ୟ ଜେନା, ଚନ୍ଦ୍ରଭାନୁ ମହାନ୍ତ, କ୍ଷୀରୋଦ ଚନ୍ଦ୍ର ବେହେରା ଏବଂ ସଞ୍ଜୟ ପଲେଇଙ୍କ ସମେତ ସମସ୍ତ ଚତୁର୍ଥ ଶ୍ରେଣୀ କର୍ମଚାରୀ ପରିଚାଳନା କରିଥିଲେ। ବରିଷ୍ଠ ସହକାରୀ ଶିକ୍ଷକ ନିରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଘୁଣୀ ଜିନ୍ନତ ପାଇଁ ୪ ଦିନ ସ୍କୁଲ ବନ୍ଦ

ବାରିପଦା,୧୨।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)– ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟକୁ ମହାରାଷ୍ଟ୍ରରୁ ଆସିଥିବା ମହାବଳ ବାଘୁଣୀ ଜିନ୍ନତ ଏବେ ଝାଡ଼ଖଣ୍ଡର ଚିଆବାନ୍ଧି ଜଙ୍ଗଲରେ ଘୂରି ବୁଲୁଛି। ୪ଦିନ ଧରି ଶିକାର କରି ନ ଥିବାରୁ ଭୋକ ଉପାସରେ ଲଟାବୁଦା ଭିତରେ ଲୁଚି ରହୁଛି। ନିକଟସ୍ଥ ୪ଟି ଗାଁର ଲୋକ ଓ ଜିନ୍ନତର ସୁରକ୍ଷା ଦୃଷ୍ଟିରୁ ବିଏନ୍‌ଏସ୍‌ଏସ୍–୧୬୩ ଧାରା ଲାଗୁ ହୋଇଛି। ପୂର୍ବ ସିଂହଭୂମି ଜିଲା ଘାଟିସିଆ ଉପଜିଲାପାଳ ଏହି ଧାରା ଲାଗୁ ନେଇ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏହାସହ ମଙ୍ଗଳବାରଠାରୁ ଗୁରୁବାର ପର୍ଯ୍ୟନ୍ତ ସେଠାକାର ସ୍କୁଲ ବନ୍ଦ ରହିଥିବା ଖବର ମିଳିଛି। ବାଘୁଣୀ ଉକ୍ତ ଅଞ୍ଚଳରୁ ନ ଯିବା ଯାଏ ସୁରକ୍ଷାକୁ ଦୃଷ୍ଟିରେ ରଖି ଅନିର୍ଦ୍ଦିଷ୍ଟ କାଳ ଯାଏ ସ୍କୁଲ ବନ୍ଦ ରହିବା ସହ ଗାଁ ଲୋକଙ୍କୁ ଘରୁ ବାହାରିବାକୁ ବାରଣ କରାଯାଇଛି। ୪ ଦିନ ହେଲା ଚିଆବାନ୍ଧି,କାଡସିଙ୍ଗା, ବାଲଡ୍ରାଶୋଡ ଓ ଧାଡିକାଛ ଗାଁର ଲୋକେ ତାଟିକବାଟ ପକାଇ ଗୃହବନ୍ଦି ହୋଇରହିଥିବା ସୂଚନା ମିଳିଛି।

# ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

## ଅନାସ୍ଥା ପ୍ରସ୍ତାବକୁ ନେଇ ତାତିଲେ ଗ୍ରାମବାସୀ



ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଗ୍ରାମବାସୀ।

ମୋରଡ଼ା,୧୨।୧୨(ସ୍ମାରକ ମାଜୀ): ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ୍ ଅଧୀନ ଝାଟିଅଡ଼ା ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ହେବାକୁ ଥିବା ଅନାସ୍ଥା ପ୍ରସ୍ତାବକୁ ନେଇ ରାଜନୀତି ସରଗରମ ହୋଇଛି। ଗୁରୁବାର ଅନାସ୍ଥା ଭୋଟ ଥିବା ବେଳେ ଗ୍ରାମବାସୀ ଏହାକୁ ବିରୋଧକରି ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ତାଲା ପକାଇ ବିକ୍ଷୋଭ କରିଥିଲେ। ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବାରୁ ପୋଲିସ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିଛି।

ସୂଚନା ଅନୁଯାୟୀ, ୧୬ଟି ୱାର୍ଡକୁ ନେଇ ଗଠିତ ଉକ୍ତ ପଞ୍ଚାୟତର ବର୍ତ୍ତମାନର ସରପଞ୍ଚ ବୁଦ୍ଧିଆ ମୁର୍ମୁଙ୍କ ବିରୋଧରେ ପଞ୍ଚାୟତର ନାଏବ ସରପଞ୍ଚ ସବିତା ଦେଙ୍କ ସହିତ ୧୩ ଜଣ ୱାର୍ଡ ସଭ୍ୟାସଭ୍ୟ ଏକାଠି ହୋଇଥିଲେ। ସରପଞ୍ଚ କୌଣସି ଉନ୍ନତିମୂଳକ କାର୍ଯ୍ୟ ଠିକ୍ ଭାବେ କରୁନାହାନ୍ତି ବୋଲି ନାଏବ ସରପଞ୍ଚ ଦେ ଓ ସଞ୍ଜୀବ କୁଣ୍ଡୁ ପ୍ରମୁଖ କହିଛନ୍ତି। ତେଣୁ ଅସନ୍ତୁଷ୍ଟ ୱାର୍ଡ ସଦସ୍ୟମାନେ ନଭେମ୍ବର ୪ରେ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ବୈଠକ କରି ମୟୂରଭଞ୍ଜ ଉପଜିଲାପାଳଙ୍କୁ ଏକ ଦାବିପତ୍ର ନଭେମ୍ବର ୬ରେ ପ୍ରଦାନ କରିଥିଲେ। ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ ୧୯୬୪ ଅନୁଯାୟୀ ଉପଜିଲାପାଳ ଗୁରୁବାର ଅର୍ଥାତ୍ ଡିସେମ୍ବର ୧୨ ପୂର୍ବାହ୍ନ ୧୧ ଟା ସମୟରେ ଝାଟିଅଡ଼ାସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟରେ ଅନାସ୍ଥା ଭୋଟ କରିବାକୁ ଚିଠି କରିଥିଲେ। ବିଡିଓ ଅଣାକାର ନାଏକ ବୈଠକରେ ଅଧ୍ୟକ୍ଷତା କରିବେ ବୋଲି ଚିଠି ସଂଖ୍ୟା ୮୬୨୨ରେ ନୋଟିସ ଜାରି କରିଥିଲେ। ଚିଠି ଅନୁଯାୟୀ, ସମସ୍ତ ୱାର୍ଡ ସଦସ୍ୟ ପହଞ୍ଚିଥିଲେ। ଏହି ସମୟରେ ସରପଞ୍ଚଙ୍କ ସମର୍ଥକ ତଥା ଶତାଧିକ ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସରପଞ୍ଚ ଲୋକଙ୍କ ସୁବିଧା ଅସୁବିଧାରେ ଛିଡ଼ାହୁଅନ୍ତି, ଉନ୍ନୟନମୂଳକ କାର୍ଯ୍ୟ କରିଛନ୍ତି। କୁଚକ୍ରାନ୍ତ କରି ଅନାସ୍ଥା ପ୍ରସ୍ତାବ ଆଗତ କରାଯାଉଛି ବୋଲି ଅଞ୍ଜନ ଦତ୍ତ, ଶାନ୍ତି ସାମଲଙ୍କ ସମେତ ଶତାଧିକ ଗ୍ରାମବାସୀ କହିଥିଲେ। ଏଥିସହ ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟ ଗେଟ୍‌ରେ ଚପଲମାଳ ଝୁଲାଇଥିଲେ। ବିଡିଓ ନାଏକ ଅସୁସ୍ଥତା ଯୋଗୁ ଅନୁପସ୍ଥିତ ରହିଥିଲେ ବୋଲି ଜିପିଇଓ ଶୁଭମ ସୁନ୍ଦର ଜେନା କହିଛନ୍ତି। ତେଣୁ ଅନାସ୍ଥା ପ୍ରସ୍ତାବ ହୋଇ ପାରିନାହିଁ। ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ରାସଗୋବିନ୍ଦପୁର ତହସିଲଦାର ପ୍ରଭାତ ତରେଇ, ଥାନା ଅଧିକାରିଣୀ ସୁକାନ୍ତି କରେଇଙ୍କ ସହିତ ୩ ସେକ୍ସନ ପୋଲିସ ଫୋର୍ସ ଉପସ୍ଥିତ ଥିଲେ।

